## ୧୮୫ ପେଟି ବିଅର ଜବତ

ଯାଜପୁର ଟାଉନ,(ଡି.ଏନ.ଏ.): ଯାଜପୁର ଟାଉନ ପୋଲିସ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇ ଏକ ପିକ୍‌ଅପ୍ ଭ୍ୟାନ ସହ ୧୮୫ ପେଟି ବିଅର ଜବତ କରାଯାଇଛି। ଯାଜପୁର ସହରସ୍ଥ ଭବାନୀଗଞ୍ଜର ଦୀପକ ବେହେରାଙ୍କ ଘରେ ଚୋରା ମଦ ଥିବା ଖବର ପାଇ ଯାଜପୁର ଟାଉନ ଭାରପ୍ରାପ୍ତ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଏକ ପିକ୍‌ଅପ୍ ଭ୍ୟାନରେ ବିଅର୍ ଲୋଡ୍ କରାଯାଇ ଅନ୍ୟତ୍ର ଚାଲାଣ କରାଯାଉଥିଲା। ପୋଲିସ ଚଢ଼ାଉ ଦେଖି ଦୀପକ ଫେରାର ହୋଇଯାଇଥିଲେ। ପୋଲିସ ବିଅର ଓ ପିକ୍‌ଅପ୍ ଭ୍ୟାନକୁ ଜବତ କରିବା ସହ ଭ୍ୟାନ ଚାଳକଙ୍କୁ ଗିରଫ କରିଥିଲା। ଚାଳକଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଥାନାରେ ମାମଲା ନଂ.୩୮୪/୨୧ ରୁଜୁ ହୋଇଛି।




## ସଂକ୍ଷେପରେ

### କଳାକାର ଭତ୍ତା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଯାଜପୁର ଟାଉନ,୨୧।୧୦(ଡି.ଏନ.ଏ.): କଳାକାର ଭତ୍ତା ବୃଦ୍ଧି ନିମନ୍ତେ ଯାଜପୁର ଜୟ ଜଗନ୍ନାଥ ଜିଲା ସଂକୀର୍ତ୍ତନ ପରିଷଦ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଳାକାର ଦୁର୍ଦ୍ଦିନରେ ଦିନ କାଟୁଥିବାରୁ ସେମାନଙ୍କ ଭତ୍ତା ବୃଦ୍ଧି କରିବା ପାଇଁ ନିବେଦନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଭାପତି ଚକ୍ରଧର ସାମଲ, ଖଗପତି ପ୍ରଧାନ, କୁଞ୍ଜବିହାରୀ ଶାନ୍ତି, ବାବନ ଚନ୍ଦ୍ର କର, ଯୋଗେନ୍ଦ୍ରନାଥ ଦାସ, ଅନାଦି ଜେନା ଓ ହରିହର ଜେନାଙ୍କ ସମେତ ବହୁ କଳାକାର ଉପସ୍ଥିତ ଥିଲେ।

### ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ

ବରୀ,୨୧।୧୦(ଡି.ଏନ.ଏ.): ୨୦୨୨ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ବରୀ ବ୍ଲକ ବିଜେଡି ପକ୍ଷରୁ ସରପଞ୍ଚ ଓ ସମିତିସଭ୍ୟ ପଦବୀ ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଡିଅବାରିଙ୍ଗସ୍ଥିତ ମା' ଧାନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ବିଧାୟିକା ସୁନନ୍ଦା ଦାସଙ୍କ ଆହ୍ୱାନକ୍ରମେ ଏକ ବୈଠକ କରାଯାଇଥିଲା। ବୈଠକରେ ବ୍ଲକ୍ ବିଜେଡି ସଭାପତି କେଦାର ସାମଲ ସଭାପତିତ୍ୱ କରିଥିଲେ। ବାଲିବିଲ ପଞ୍ଚାୟତର ଶତାଧିକ କର୍ମୀ ଉପସ୍ଥିତ ରହି ବିଧାୟିକାଙ୍କ ସମର୍ଥିତ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କୁ ବିଜୟଲାଭ କରିବା କ୍ଷେତ୍ରରେ ସହଯୋଗ କରିବେ ବୋଲି ମତ ରଖିଥିଲେ। ବୈଠକରେ ବିଧାୟିକାଙ୍କ ସମେତ ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ଜିଲାପରିଷଦ ସଭ୍ୟ ଅଶୋକ ସାମଲ, ଜିଲା ଉପସଭାପତି ଆର୍ତ୍ତବନ୍ଧୁ ସାମଲ, ପ୍ରତାପ ଜେନା, ସରପଞ୍ଚ ସନ୍ତୋଷ ସାମଲ ଓ ଅରବିନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଅଳଙ୍କାର ଭର୍ତ୍ତି ବ୍ୟାଗ୍ ଚୋରି ଅଭିଯୋଗ

ରସୁଲପୁର,୨୧।୧୦(ଡି.ଏନ.ଏ.):କୁଆଖିଆ ଥାନା ମଧୁବନସ୍ଥିତ ଚନ୍ଦନବାଜରର ଏକ ସୁନା ଦୋକାନରୁ ଅଳଙ୍କାର ଭର୍ତ୍ତି ବ୍ୟାଗ ଚୋରି ହୋଇଛି। ଏନେଇ ଦୋକାନ ମାଲିକ ସୁମନ କାମିଲା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଏସ୍‌ଆଇ୍ ପ୍ରଶାନ୍ତ ଦାଶ ଦୋକାନ ସିସିଟିଭି ଫୁଟେଜ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ପାଖ ଦୋକାନୀଙ୍କୁ ମଧ ପୋଲିସ ଚୋରି ସମ୍ପର୍କରେ ପଚରଉଚରା କରୁଛି। ଅଭିଯୋଗ ଅନୁସାରେ, ସୁମନ ଅଳଙ୍କାର ଭର୍ତ୍ତି ବ୍ୟାଗ ଧରି ଦୋକାନକୁ ଆସିଥିଲେ। ବ୍ୟାଗ ରଖି ପାଣି ପାଇଁ ଯାଇଥିଲେ। ଏହି ସମୟରେ ତାଙ୍କୁ ଅନୁସରଣ କରୁଥିବା ଜଣେ ଲୁଟେରା ଦୋକାନରୁ ବ୍ୟାଗ ନେଇ ପଳାଇଥିଲେ। ଏହି ଦୃଶ୍ୟ ପାଖ ଦୋକାନୀମାନେ ଦେଖିଥିଲେ ମଧ କିଛି କରି ପାରି ନ ଥିଲେ। ଉକ୍ତ ବ୍ୟାଗରେ ୪ କେଜି ରୁପା ଓ ୧୦୦ ଗ୍ରାମର ସୁନା ଅଳଙ୍କାର ଥିଲା। ଏହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି। ଏନେଇ ଥାନାରେ ଏକ ମାମଲା ନଂ. ୩୫୮/୨୧ ରୁଜୁ ହୋଇଛି।

# ମହିଳା କଂଗ୍ରେସ ପକ୍ଷରୁ ଏସ୍‌ପି ଅଫିସ ଘେରାଉ

## ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି

ଯାଜପୁର ଅଫିସ,୨୧।୧୦

ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ ଏବଂ ଦିବ୍ୟ ଶଙ୍କର ମିଶ୍ରଙ୍କୁ ମନ୍ତ୍ରୀପଦରୁ ବହିଷ୍କାର ଦାବିରେ ଯାଜପୁର ଜିଲା ମହିଳା କଂଗ୍ରେସ ପକ୍ଷରୁ ଗୁରୁବାର ଯାଜପୁର ଏସ୍‌ପିଙ୍କ ଅଫିସ ଘେରାଉ କରାଯାଇଥିଲା। କଳାହାଣ୍ଡି ଜିଲାର ମହାଲିଙ୍ଗସ୍ଥିତ ସନ୍‌ସାଇନ ପବ୍ଲିକ ସ୍କୁଲର ଅଧ୍ୟକ୍ଷା ମମିତା ମେହେରଙ୍କୁ ନିର୍ମମ ହତ୍ୟା ଓ ପ୍ରମାଣ ନଷ୍ଟ ନିମନ୍ତେ ଯୋଜନାବଦ୍ଧ ଉଦ୍ୟମ କରାଯିବା ଘଟଣା ସମଗ୍ର ଓଡିଶାବାସୀଙ୍କ ମନରେ କ୍ଷୋଭ ସୃଷ୍ଟି କରିଛି । ଏହି ଘଟଣା ପରେ ଓଡିଶାର ନାରୀ ସମାଜ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ଆହ୍ୱାନ କ୍ରମେ ଜିଲା କଂଗ୍ରେସ ସଭାନେତ୍ରୀ ରୀତାଶ୍ରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶତାଧିକ କଂଗ୍ରେସ କର୍ମୀ ଆନ୍ଦୋଳନରେ ସାମିଲ ହୋଇଥିଲେ । ସେମାନେ ମୁଖ୍ୟମନ୍ତ୍ରୀ ଓ ଗୃହରାଷ୍ଟ୍ରମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେବା ସହିତ କୁଶ ପୁତ୍ତଳିକା ଦାହ କରିଥିଲେ । ଏହି ପରିପ୍ରେକ୍ଷୀରେ ଗୃହମନ୍ତ୍ରୀ ଇସ୍ତଫା ଓ ଗିରଫ ଦାବି କରାଯାଇ ଏସ୍‌ପିଙ୍କ ଜରିଆରେ ରାଜ୍ୟପାଳକୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ବିକ୍ଷୋଭରେ ପିସିସି ସମ୍ପାଦକ ସନ୍ତୋଷ କୁମାର ନନ୍ଦ, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ, ବଡ଼ଚଣା ବିଧାନସଭା କଂଗ୍ରେସ ପ୍ରାର୍ଥୀ ଅଜୟ ସାମଲ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ରୀତା ରାଉତ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷିକେଶ ପତି, କନକଲତା ରାଉତ, ନିରୂପମା ସାହୁ, ପୂର୍ବତନ କୋରାଇ ବ୍ଲକ୍ କଂଗ୍ରେସ ସଭାପତି ମଧୁସୂଦନ ସାହୁ, ଜିଲା ଦଳିତ କଂଗ୍ରେସ ସଭାପତି ଦୁଯେର୍ୟାଧନ ବେହେରା, ପୂର୍ବତନ ଧର୍ମଶାଳା ବ୍ଲକ୍ ଅଧକ୍ଷ କିଷାନ ପଣ୍ଡା, ସରପଞ୍ଚ ଗଣେଶ୍ୱର ଦାସ ପ୍ରମୁଖ ସାମିଲ ହୋଇଥିଲେ।



ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ପଶୁପକ୍ଷୀଙ୍କ ଜୈବିକ ଖାଦ୍ୟ ଉତ୍ପାଦନକୁ ଗୁରୁତ୍ୱ

ରସୁଲପୁର,୨୧।୧୦(ଡି.ଏନ.ଏ.)

ରସୁଲପୁର ବ୍ଲକରେ ଜୈବିକ ପଦ୍ଧତିରେ ପଶୁପକ୍ଷୀଙ୍କ ଖାଦ୍ୟ ପ୍ରସ୍ତୁତିକୁ ଗୁରୁତ୍ୱ ଦିଆଯାଉଛି। ଗ୍ରାମ୍ୟ ଉନ୍ନତି ଫାଉଣ୍ଡେଶନ ପକ୍ଷରୁ ଏନେଇ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମର ସ୍ଥିତି ଅନୁଧ୍ୟାନ ପାଇଁ ସଂସ୍ଥା ମୁଖ୍ୟ ପରିଚାଳନା ଅଧିକାରୀ ଭିଶାଲ ମେସି ବ୍ଲକ ଅଧୀନ ଓଡ଼ିଶୋ ଗ୍ରାମର ଚାଷୀ ଶିଶିର ରାଉତଙ୍କ ଫାର୍ମ ହାଉସ ବୁଲି ଦେଖିଥିଲେ। ରାଉତଙ୍କ ପକ୍ଷରୁ ପଶୁପକ୍ଷୀଙ୍କ ପାଇଁ ଜୈବିକ ଖାଦ୍ୟ ଆଜୋଲା ମଂଜି ଉତ୍ପାଦନ ପ୍ରଣାଳୀକୁ ଅନୁଧ୍ୟାନ କରି ସେ ଖୁସି ପ୍ରକଟ କରିଥିଲେ। ପଶୁପକ୍ଷୀଙ୍କ ପାଇଁ ବଜାରରେ ଉପଲବ୍ଧ ହେଉଥିବା କୃତ୍ରିମ ଖାଦ୍ୟର ସ୍ଥାନ ନେଇପାରିବ ଜୈବିକ ଖାଦ୍ୟ ଆଜୋଲା ମଂଜି। ମଂଜି ଉତ୍ପାଦନ ପାଇଁ ଛାତ ଉପରେ ଓ କ୍ଷେତରେ କୁଣ୍ଡ ନିର୍ମାଣ କରି ସେଥିରେ ଗୋବର, ସ୍ୱଳ୍ପ ପଟାସ ଓ ସୁପର ମିଶ୍ରଣ ପାଣିରେ ଆଜୋଲା ମଂଜି ବୁଣି ଜୈବିକ ଖାଦ୍ୟ ଉତ୍ପାଦନ କରାଯାଇ ପାରିବ। ଏହାକୁ ପଶୁପକ୍ଷୀଙ୍କ ଖାଦ୍ୟ ଭାବେ ବ୍ୟବହାର କରାଯାଇପାରିବ। ଏହି ଖାଦ୍ୟ ବ୍ୟବହାର ଯୋଗୁ କୁକୁଡ଼ାଙ୍କ ଓଜନ ବୃଦ୍ଧି ଘଟିବ। ଦୁହାଁଳିଆ ଗାଈଙ୍କ ଖାଦ୍ୟ ଭାବରେ ବ୍ୟବହାର କେଲ କ୍ଷୀର ଉତ୍ପାଦନ ବୃଦ୍ଧି ଘଟିବ ବୋଲି ମେସି କହିଥିଲେ। ଏହାପରେ ମେସି ହାତୀ ଘାସ ଚାଷ, ଫସଲରେ କେମିକାଲ ବ୍ୟବହାର, ଠିକ୍ ପରିଚାଳନାର ବିଭିନ୍ନ ଦିଗ ଉପରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ପରେ ଅରଡିଆ ଗାଁର ବାଓଫ୍ଲକ ମାଛଚାଷ କେନ୍ଦ୍ର ଅନୁଧ୍ୟାନ କରିଥିଲେ। ଫାଉଣ୍ଡେସନର ସିଏସଆର ଶାଖା ପକ୍ଷରୁ ଆସୋସିଏଟ ଜେନେରାଲ ମ୍ୟାନେଜର ସୁଶାନ୍ତ ରଥ, ଗ୍ରାମ୍ୟ ଉନ୍ନତିରେ ଆଞ୍ଚଳିକ ପରିଚାଳକ ବିଜ୍ଞାନ ମହାକୁଲ, ଏରିଆ ମ୍ୟାନେଜର ସୁମିତ ରାୟ, କ୍ଷେତ୍ରାଧିକାରୀ ପ୍ରବୀଣ ମଲିକ ପ୍ରମୁଖ ଯୋଗଦେଇ ଚାଷୀଙ୍କୁ ଜୈବିକ ଚାଷର ବିଭିନ୍ନ ଦିଗ ସମ୍ପର୍କରେ ବୁଝାଇଥିଲେ।

# ପାଚେରି ଭୁଶୁଡ଼ିବା ଘଟଣାର ତଦନ୍ତ ଦାବି

ଯାଜପୁର ଟାଉନ, ୨୧।୧୦(ଡି.ଏନ.ଏ.)

ଦଶରଥପୁର ବ୍ଲକ ଅନ୍ତର୍ଗତ ତଳିହା ଗ୍ରାମ ପଞ୍ଚାୟତ ଉଦ୍ୟାନ ପାଚେରି ଭୁଶୁଡ଼ି ପଡ଼ିଛି। ତେଣୁ ଏହାର ବିଧିବଦ୍ଧ ତଦନ୍ତ କରିବା ପାଇଁ ତଳିହା ପଞ୍ଚାୟତ ସଚେତନ ନାଗରିକମାନେ ଗୁରୁବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୧ ମାସ ପୂର୍ବେ ତଳିହା ପଞ୍ଚାୟତ କାର୍ଯ୍ୟାଳୟକୁ ଲାଗି ଉଦ୍ୟାନ ପାଚେରି କରାଯାଇଥିଲା। ମାତ୍ର ୧୭ ତାରିଖରେ ତାହା ଭୁଶୁଡ଼ି ପଡ଼ିଛି। ଏହି ପାଚେରି ୧୧୦ଫୁଟ୍ ଲମ୍ବ ୬ଫୁଟ୍ ଉଚ୍ଚତା ବିଶିଷ୍ଟ ହୋଇଛି। ଏଥିପାଇଁ ୭ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ମାତ୍ର କାର୍ଯ୍ୟ ନିମ୍ନମାନ ହୋଇଥିବାରୁ ଏକ ମାସେ ନ ପୂରୁଣୁ ପାଚେରି ଭୁଶୁଡ଼ିଛି ବୋଲି ସଚେତନ ନାଗରିକମାନେ ଅଭିଯୋଗ କରିଛନ୍ତି। ତେଣୁ ଏହାର ତଦନ୍ତ କରି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଚେତନ ନାଗରିକ ଜୟରଞ୍ଜନ ସ୍ୱାଇଁ, ନିରାକାର ସାହୁ, ଜ୍ୟୋତିର୍ଭୂଷଣ ନାୟକ, ରବିନାରାୟଣ ସାହୁ, ସୁଦାମ ପଣ୍ଡା, ଅଭିଜିତ ନାୟକ, ବୈଦ୍ୟନାଥ ପଣ୍ଡା ଓ ଧନେଶ୍ୱର ପାଣି ପ୍ରମୁଖ ଦାବି କରିଛନ୍ତି।

# ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

ରସୁଲପୁର,୨୧।୧୦(ଡି.ଏନ.ଏ.): କୁଆଖିଆ ଥାନା ଅଧୀନ ମଧୁବନ ବଜାରର କାଠ ବ୍ୟବସାୟୀ ଜୟପ୍ରକାଶ ମହାନ୍ତିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ୩ୟ ତଥା ମୁଖ୍ୟ ଅଭିଯୁକ୍ତ ଗୁରୁବାର ଗିରଫ ହୋଇଛନ୍ତି। ସେ ହେଲେ ରସୁଲପୁର ବ୍ଲକ ନଠୁଆବର ପଞ୍ଚାୟତ ମଠସାହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାରଣା। ଗିରଫ ପରେ ପୋଲିସ ତାଙ୍କୁ କୋର୍ଟଚଲାଣ କରିଛି। ସେପ୍ଟେମ୍ବର ୨୦ରେ ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ ୨ପୁଅ କାଠ ବ୍ୟବସାୟୀ ପାଣିକୋଇଲି ଥାନା ଅଧୀନ ଟିକର ଗ୍ରାମର ଜୟପ୍ରକାଶଙ୍କୁ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। ଘଟଣାର ମାସକ ପରେ ବୁଧବାର ପୋଲିସ ପୂର୍ଣ୍ଣଚନ୍ଦ୍ରଙ୍କ ୨ପୁଅଙ୍କୁ ସୁନ୍ଦରଗଡ଼ ଜିଲାର ଟେନସା ଅଞ୍ଚଳରୁ ଗିରଫ କରି କରି କୋର୍ଟଚାଲାଣ କରିଥିଲା। ପୂର୍ଣ୍ଣଚନ୍ଦ୍ର ଫେରାର ଥିଲେ।

# କଳାକାର ସହାୟତା ପାଇଁ ଆଧାର ନମ୍ବର ଜରୁରୀ

ଯାଜପୁର ଅଫିସ,୨୧।୧୦

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଜିଲାର ୨୦୦୩ କଳାକାରଙ୍କୁ ସାମିଲ କରାଯାଇଛି। ସରକାରଙ୍କ ପକ୍ଷରୁ ମାସିକ ୧୨୦୦ ଟଙ୍କା ଲେଖାଏ ସହାୟତା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟସ୍ ମାଧ୍ୟମରେ ପ୍ରଦାନ ହେଉଛି। ତେବେ କେତେଜଣ ହିତାଧିକାରୀ ଆଧାର ନମ୍ବର ପ୍ରଦାନ କରି ନ ଥିବାରୁ ସେଗୁଡିକ ସଂଗ୍ରହ ଜରୁରୀ ହୋଇ ପଡିଛି। ଯେଉଁ କଳାକାର ଯୋଜନାରେ ସାମିଲ ଅଛନ୍ତି ସେମାନେ ତୁରନ୍ତ ଆଧାର ନମ୍ବର ପ୍ରଦାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ହିତାଧିକାରୀ ନିଜ ଆଧାର କାର୍ଡର ନକଲ ଜିଲା ସଂସ୍କୃତି କାର୍ଯ୍ୟାଳୟରେ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ଆଧାର ନମ୍ବର ଅଭାବରୁ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ ବାଧାପ୍ରାପ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇପାରେ ବୋଲି ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ ସେଠୀ କହିଛନ୍ତି।

# ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ

ଦଶରଥପୁର,୨୧।୧୦ (ଡି.ଏନ.ଏ.)

ବିଶିଷ୍ଟ ଗାଳ୍ପିକ ଡ. ରମେଶ ଚନ୍ଦ୍ର ବିଶ୍ୱାଳଙ୍କ ପ୍ରଥମ ବାର୍ଷିକୀରେ ଏକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦଶରଥପୁର ବ୍ଲକ ଅଧୀନ ମଙ୍ଗଳପୁରଠାରେ ଡ. ରମେଶ ଚନ୍ଦ୍ର ବିଶ୍ୱାଳ ସ୍ମୃତି ସଂସଦ ପକ୍ଷରୁ ବୁଧବାର ଅନୁଷ୍ଠିତ ଏହି ଏକଦିବସୀୟ ସମାରୋହରେ ସଂସଦ ସଭାପତି ସରୋଜ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ତଥା ବିଶିଷ୍ଟ କବି ଡ. ହୃଷୀକେଶ ମଲ୍ଲିକ ମୁଖ୍ୟଅତିଥି ଓ ବିଶିଷ୍ଟ ପ୍ରାବନ୍ଧିକ ଡ. ବେଣୁଧର ପାଢ଼ୀ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଅସମାହିତ ପ୍ରଶ୍ନର ଅନ୍ୱେଷଣ ହିଁ ରମେଶ ବିଶ୍ୱାଳଙ୍କ ଗଳ୍ପର ଚାବିକାଠି ବୋଲି ମୁଖ୍ୟଅତିଥି ଡ. ମଲ୍ଲିକ କହିଥିବାବେଳେ ରମେଶ ବିଶ୍ୱାଳ ଯେ କେବଳ ଜଣେ ଗାଳ୍ପିକ ଥିଲେ ତାହା ନୁହେଁ ବରଂ ସେ ଜଣେ ଗାଳ୍ପିକର ଜୀବନ ମଧ ଜିଉଁଥିଲେ ବୋଲି ମୁଖ୍ୟବକ୍ତା ଡ. ପାଢ଼ୀ କହିଥିଲେ। ପ୍ରଥମେ ଏହି ଦୁଇ ଅତିଥିଙ୍କ ଦ୍ୱାରା ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇ ସମାରୋହକୁ ଉଦ୍‌ଘାଟନ କରାଯାଇଥିଲା। ବିଶିଷ୍ଟ ଗାଳ୍ପିକ ଆର୍ଯ୍ୟ ଯଜ୍ଞଦତ୍ତଙ୍କୁ ଡ. ରମେଶ ଚନ୍ଦ୍ର ବିଶ୍ୱାଳ ଗଳ୍ପ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ବିଶ୍ୱାଳଙ୍କ ପରିବାର ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ସ୍ମୃତି ପୁସ୍ତିକ 'ଆମ ବାପା' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। କବି ଦାମୋଦର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କବି ବିରଜା ବଳ ସ୍ୱାଗତ ଭାଷଣ ଦେଇଥିଲେ। ସଂସଦ ସମ୍ପାଦିକା ଡ. ଶ୍ରଦ୍ଧାଞ୍ଜଳି ସାମଲ, ଗାଳ୍ପିକ ରବି ପଣ୍ଡା, ଗାଳ୍ପିକ ରାମଚନ୍ଦ୍ର ଦାସ, ଆର୍ଯ୍ୟା ଆନିନ୍ଦିତା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ସମାରୋହରେ ଏକ କବିତା ଆସର ମଧ ଅନୁଷ୍ଠିତ ହୋଇଥିଲା । ଏହାକୁ କବି ସୁବ୍ରତ ଦାସ ଓ କବି ସୁବ୍ରତ ଜେନା ସଂଯୋଜନା କରିଥିଲେ। ପରେ ମୁଖ୍ୟଅତିଥିଙ୍କୁ ଶିକ୍ଷକ ନେତା ନିରଞ୍ଜନ ବିଶ୍ୱାଳ, ମୁଖ୍ୟବକ୍ତାଙ୍କୁ କବି ବିଦ୍ୟୁତ୍‌ଲତା ଦାସ ଓ କବିତା ସଂଯୋଜକଙ୍କୁ କବି ପୂର୍ଣ୍ଣଚନ୍ଦ୍ର ଦାସ ସମ୍ବର୍ଦ୍ଧିତ କରିଥିଲେ। ଡ. ରବୀନ୍ଦ୍ର ବିହାରୀ ଧନ୍ୟବାଦ ଦେଇଥିଲେ।


ସାରସ୍ୱତ ସମାରୋହରେ ମଞ୍ଚାସୀନ ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

ଧର୍ମଶାଳା,୨୧।୧୦(ଡି.ଏନ.ଏ.)

ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ତଥା ଉନ୍ନୟନମୂଳକ କାର୍ଯ୍ୟ ନେଇ ପୂର୍ବତନ ବିଧାୟକ ରବି ଲାବଣ୍ୟ ଯାଜପୁର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ସେ ଏକ ଦାବିପତ୍ର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପ୍ରଦାନ କରିଛନ୍ତି। ଜାରକା ନିକଟସ୍ଥ ପୁଣ୍ୟତୋୟା ବ୍ରାହ୍ମଣୀ ନଦୀକୂଳରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଗୋକର୍ଣ୍ଣେଶ୍ୱର ମନ୍ଦିର ଅପରପାର୍ଶ୍ୱ ଭାଲୁଖାଇ ମୌଜାର ୪୦ ଡେସିମିଲ ଜମି ସ୍ଥାନୀୟ ତହସିଲ ପକ୍ଷରୁ ଚିହ୍ନଟ କରାଯାଇଛି। ଏହିଠାରେ ମୃତଦେହ ସତ୍କାର ଗୃହ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ମଞ୍ଜୁର କରିବା ସହିତ ଏହାର ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଲାବଣ୍ୟ ଦାବି କରିଛନ୍ତି। ସେହିପରି ଜାରକାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ କରିବାକୁ ରାଜ୍ୟ ସରକାର ପ୍ରସ୍ତୁତ ଥିବା ବେଳେ ଏନେଇ ଆବଶ୍ୟକ ସୂଚନା ଏବଂ କାଗଜପତ୍ର ଯୋଗାଇଦେବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମଗାଯାଇଛି। ଜାରକା ସହିତ କୁମାରୀ, ଗଙ୍ଗାଧରପୁର, ଚହଟା, ଚୋରମୁହାଁ ପଞ୍ଚାୟତକୁ ନେଇ ଜାରକା ଏନଏସି ଗଠନ କରିବାକୁ ଦାବି ହୋଇଛି। ଏନେଇ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚମାନଙ୍କ ସହିତ ଲାବଣ୍ୟ ବ୍ୟକ୍ତିଗତ ଭାବେ କଥାବାର୍ତ୍ତା ହୋଇଥିବା ବେଳେ ସେମାନେ ସହଯୋଗ କରିବାକୁ ସମ୍ମତି ପ୍ରଦାନ କରିଥିବା ନେଇ ଲାବଣ୍ୟ ଜିଲାପାଳଙ୍କୁ ଜଣାଇଛନ୍ତି। ଜାରକା ଏନ୍‌ଏସି ମାନ୍ୟତା ପାଇଲେ ରାଜ୍ୟର ଅନ୍ୟତମ ସହର ଭାବେ ସ୍ୱୀକୃତି ପାଇବ ବୋଲି ଲାବଣ୍ୟ ପ୍ରକାଶ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ତଥା ଓଏସ୍‌ଡି କୁଳମଣି ନାୟକ ଦାବିପତ୍ର ଗ୍ରହଣ କରିଥିଲେ। ଲାବଣ୍ୟ ଜିଲାପାଳଙ୍କ ସହିତ ଟେଲିଫୋନରେ କଥା ହେବା ସହ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଜିଲାପାଳ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବା ନିମନ୍ତେ ପ୍ରତିଶ୍ରୁତି ଦେଇଥିବା ଲାବଣ୍ୟ ପ୍ରକାଶ କରିଛନ୍ତି।


ସହକାରୀ ଜିଲାପାଳଙ୍କୁ ପୂର୍ବତନ ବିଧାୟକ ଦାବିପତ୍ର ଦେଉଛନ୍ତି।



**୭୬୧ ଗ୍ରାମ ଗଞ୍ଜେଇ ଜବତ, ୪ ଗିରଫ**

ଜଗତ୍‌ସିଂହପୁର ଅଫିସ: ତିର୍ତ୍ତୋଲ ଥାନା ଜଇପୁର ହାଟବଜାର ନିକଟରୁ ୭୬୧ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏନେଇ ମାମଲା (ନଂ.୪୫୨/୨୧) ରୁଜୁ କରାଯାଇ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜଇପୁରର ବିଜୟ ବାରିକ ଓରଫ ବିଜନ, ଚିକିଣିଆର ବିକାଶ ଦାସ ଓରଫ ଭିକି, ହରିଶପୁରର ଜଗବନ୍ଧୁ ଓରଫ ଜଗୁ ଓ ହରିଶପୁରର କାଳିଆ ଦାସ ଓରଫ ଗୋଲ।

## ସଂକ୍ଷେପରେ

### ଆଳି-କନିକାରେ ରକ୍ତ ଅଭାବରୁ ମରିବାକୁ ଦିଆଯିବ ନାହିଁ

**ରାଜକନିକା,୨୧।୧୦(ଡି.ଏନ.ଏ.):** ରକ୍ତ ପାଇଁ ଆଳି-କନିକା ଅଞ୍ଚଳରେ ଜଣେ ହେଲେ ଲୋକଙ୍କୁ ମରିବାକୁ ଦିଆଯିବ ନାହିଁ ବୋଲି ବିଧାୟକ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୃଢତାର ସହିତ ପ୍ରକାଶ କରିଛନ୍ତି। ସେ କହିଲେ ଯେ, ମଣିଷ ରକ୍ତରେ ବଞ୍ଚେ। ରକ୍ତ ଦେଉଥିବା ଲୋକ ସମାଜ ତଥା ଦେଶର ମଙ୍ଗଳ କରୁଛନ୍ତି ବୋଲି କହିଥିଲେ। ରାଜକନିକା ବ୍ଲକ ବିଜୁ ଯୁବ ଜନତା ଦଳ ଓ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ମିଳିତ ସହଯୋଗରେ ରକ୍ତ ଦାନ ଶିବିରରେ ୩୧୪ ୟୁନିଟର ରକ୍ତ ସଂଗ୍ରହ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜକନିକା ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦାସ, ଉପାଧ୍ୟକ୍ଷ ବିଶ୍ୱନାଥ ନାୟକ, ବ୍ଲକ ସଭାପତି ବିଦ୍ୟାଧର ବେହେରା, ସାଂସଦଙ୍କ ପ୍ରତିନିଧି ପବିତ୍ର ରାଉତ, ଓଡ଼ିଶା ମୋ ପରିବାରର ସମ୍ପାଦକ ହିରଣ୍ୟ ପଣ୍ଡା, ଓଡିଶା ମୋ ପରିବାରର ସଂଯୋଜକ କାଳି ପ୍ରସନ୍ନ ମିଶ୍ର, ଜିଲା ବିଜୁ ଯୁବ ଜନତା ଦଳର ସଭାପତି ରାଜେଶ ଦାସ, ଜିଲା ବିଜୁ ଯୁବ ଜନତା ଦଳ ସମ୍ପାଦକ ଅରୁଣ କୁମାର ରାଉତ, ରାଜକନିକା ବ୍ଲକ ବିଜୁ ଯୁବ ଜନତା ଦଳର ସଭାପତି ଅୟସ ସାମଲ ଓ ବରୁଣା ସରପଞ୍ଚ ଉତ୍ତମ ସେନାପତି ପ୍ରମୁଖ ସହଯୋଗ କରିଥିଲେ।

### ରାଜନଗରରେ ଟିକା ଉତ୍ସବ

**ରାଜନଗର,୨୧।୧୦(ଡି.ଏନ.ଏ.):** କରୋନା ମହାମାରୀର ମୁକାବିଲା ପାଇଁ ଟିକାକରଣ ଉପରେ ଗୁରୁତ୍ୱାରୋପ ଦିଆଯାଉଛି। ଭାରତରେ ୧୦୦ କୋଟି ଡୋଜ ଟିକାକରଣ କରାଯାଇ ସାରିଲାଣି। ଏହାକୁ ନେଇ ଗୁରୁବାର ଭାରତ ବର୍ଷରେ ଟିକା ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ଉପ୍ରା ବିଦ୍ୟାଳୟ ପରିସର ଟିକାଦାନ କେନ୍ଦ୍ରରେ ୧୦୦ତମ ଟିକା ନେଇଥିବା ଶିଳପୋଖରୀ ଗାଁର ଭୋଳାନାଥ ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କେନ୍ଦ୍ରରେ ଝୋଟି ପକାଇ ଟିକା ନେବାକୁ ଆସିଥିବା ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମି ରଞ୍ଜନ ମହାନ୍ତି, ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ମହାନ୍ତି, ଏଏନ୍‌ଏମ୍ ରଜନୀବାଳା ମାଝି, ସିନିୟର ସାନିଟାରୀ ଇନ୍ସପେକ୍ଟର ଅକ୍ଷୟ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିର ମିଶ୍ରଣ ପର୍ବ

**ରାଜନଗର,୨୧।୧୦(ଡି.ଏନ.ଏ.):** ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବାକୁ ଥିବା ବେଳେ ଦଳ ଡିଆଁ ପର୍ବ ଆରମ୍ଭ ହୋଇଛି। ପ୍ରତିଦିନ ରାଜନଗର ବ୍ଲକରେ ଦଳ ବଦଳ ପ୍ରକ୍ରିୟା ଚାଲିଛି। ବୁଧବାର ସାନବଡଗୋପାଳପୁରଠାରେ ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଗୁପ୍ତି ପଞ୍ଚାୟତର ଯୁବନେତା ମାନସ ରଞ୍ଜନ ରାଉତଙ୍କ ସହିତ ରାଜନଗର ପଞ୍ଚାୟତର କଂଗ୍ରେସ କର୍ମୀ ମଣ୍ଟୁ ସାହୁ, ବଳରାମ ସେଠୀ, ସୁଶାନ୍ତ ମଲିକ, ମଙ୍ଗୁଲି ମଲିକ ପ୍ରମୁଖ ବିଜେଡିରେ ଯୋଗ ଦେଇଥିଲେ। ବିଧାୟକ ଧ୍ରୁବ ସାହୁ ସେମାନଙ୍କୁ ସ୍ୱାଗତ କରିଥିଲେ।

### ଭୋଟର ତାଲିକା ସଂଶୋଧନ ନିମନ୍ତେ ତାଲିମ

**ରଘୁନାଥପୁର,୨୧।୧୦(ଡି.ଏନ୍.ଏ.):** ରଘୁନାଥପୁର ପଞ୍ଚାୟତ ସମିତି ଅଧୀନ ୧୯ ପଞ୍ଚାୟତର ଭୋଟର ତାଲିକା ସଂଶୋଧନ ନିମନ୍ତେ ବୁଥ ଲେଭୁଲ ଅଫିସରଙ୍କୁ ଗୁରୁବାର ତାଲିମ ଦିଆଯାଇଛି। ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସଭାକକ୍ଷରେ ୨ ପର୍ଯ୍ୟାୟରେ ୭୫ ଜଣଙ୍କୁ ତାଲିମ ଦିଆଯାଇଛି। ପ୍ରତି ବୁଥରେ ବିଏଲ୍‌ଓମାନେ ଉପସ୍ଥିତ ରହି ଭୋଟର ତାଲିକାରେ ନୂତନ ଭୋଟରଙ୍କୁ ଯୋଗ କରିବା, ବାଦ୍ ଦେବା ଏବଂ ତ୍ରୁଟି ସଂଶୋଧନ କାର୍ଯ୍ୟ କରିବାକୁ ତାଲିମ୍‌ଦାତା କୁମାର ଗୌରବ ନନ୍ଦ ପ୍ରକାଶ କରିଥିଲେ। ବିଡିଓ ଜିତେନ୍ଦ୍ର କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ରୂପାଲିକା ଦାଶ ଆଲୋକପାତ କରିଥିଲେ। ଜିପିଓ କେଶବ ମୁଖୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧିମେଇଯାଇଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍

**କେନ୍ଦ୍ରାପଡ଼ା ଅଫିସ, ୨୧।୧୦**

- ଦାଦନ ରୋକିବାରେ ସହାୟ ହେଉନି
- ପ୍ରକଳ୍ପ ସଂଖ୍ୟା ୬୫,୩୨୬, ସମ୍ପୂର୍ଣ୍ଣ ମାତ୍ର ୨୯୦୯
- ୨,୯୩,୦୦୯ ଜବକାର୍ଡ, କାମ ପାଇଛନ୍ତି ୬୧,୨୧୧

ପ୍ରାକୃତିକ ବିପର୍ଯ୍ୟୟକୁ ସହ୍ୟ କରୁଥିବା କେନ୍ଦ୍ରାପଡ଼ା ଜିଲାରେ ଖଣି କି ଶିଳ୍ପ ନାହିଁ। କୃଷି ଅର୍ଥନୀତି ଭିତ୍ତିକ ଏହି ଜିଲାରେ ଜଳ ପରିଚାଳନା ଏକ ସମସ୍ୟା। ଜଳସେଚନ, ନିଷ୍କାସନ, ତାଲିମ, ପ୍ରୋତ୍ସାହନ ସହିତ ଫସଲର ଅଭାବୀ ବିକ୍ରି ଲାଗି ରହିଛି। ଏଥିପାଇଁ ଶ୍ରମିକମାନେ ଜିଲା ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ଜିଲାରେ ରହି କର୍ମ ନିଯୁକ୍ତି ଯୋଗାଇ ଦେବାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ହୋଇଛି। ଏହି ଯୋଜନା କାର୍ଯ୍ୟକାରୀ କ୍ଷେତ୍ରରେ ବହୁ ଅବହେଳା ପ୍ରଦର୍ଶନ କରାଯାଉଛି। ଜିଲାରେ ମୋଟ ୬୫,୩୨୬ଟି ପ୍ରକଳ୍ପ ଏହି ଯୋଜନାରେ ଚଳିତ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହେବାକୁ ଅଛି। ଅଦ୍ୟାବଧି ମାତ୍ର ୨୯୦୯ଟି ସମ୍ପୂର୍ଣ୍ଣ ହୋଇଛି। ସେହିପରି ଜିଲାରେ ୨,୯୩,୦୦୯ ଜଣ ଜବ୍‌କାର୍ଡ ପାଇଛନ୍ତି। ସେଥିମଧ୍ୟରୁ ୬୧,୨୧୧ ଜବ୍‌କାର୍ଡଧାରୀଙ୍କୁ କାମ ଯୋଗାଇ ଦିଆଯାଇଛି। ଯୋଜନାର ସଫଳତା ପାଇଁ ଜିଲା ପ୍ରଶାସନ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ଅଛି। ଫଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଧିମେଇ ଯାଇଛି ବୋଲି ମତ ପ୍ରକାଶ ପାଇଛି।

ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ତଥ୍ୟ ଅନୁଯାୟୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଙ୍ଗନୱାଡି ଓ ଅନ୍ୟ ଗ୍ରାମ୍ୟ ଭିତ୍ତିଭୂମି, ମରୁଡ଼ି ପ୍ରତିବନ୍ଧକ, ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ଉପକୂଳ ଉନ୍ନୟନ, ଜଳସେଚନ, ଜଳ ସଂରକ୍ଷଣଠାରୁ ଗ୍ରାମ୍ୟ ରାସ୍ତା ନିର୍ମାଣ ପରି ମୋଟ ୬୫,୩୨୬ଟି ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଅଛି। ତେବେ ଏଥିମଧ୍ୟରୁ ମାତ୍ର ୨,୯୦୯ଟି ପ୍ରକଳ୍ପ ଶେଷ ହୋଇଥିବା ବେଳେ ୨୪,୪୮୨ଟି ପ୍ରକଳ୍ପ କାମ ଚାଲିଛି। ୨୩,୩୭୯ଟି ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ମଞ୍ଜୁରୀ ଅପେକ୍ଷାରେ ୧୪,୫୫୬ଟି ପ୍ରକଳ୍ପ ଅଛି। ରାଜନଗର ବ୍ଲକ ଅଞ୍ଚଳରେ ସର୍ବାଧିକ ୬୯୦ଟି ପ୍ରକଳ୍ପ କାର୍ଯ୍ୟ ସରିଛି। ତେବେ ଗରଦପୁର ବ୍ଲକ ଅଞ୍ଚଳରେ ଏହି ଅବଧି ମଧ୍ୟରେ ମାତ୍ର ୧୧ଟି ପ୍ରକଳ୍ପ ଶେଷ ହୋଇଥିବା ବେଳେ ୪୨୩୧ଟି ପ୍ରକଳ୍ପ ନିର୍ମାଣ ଅପେକ୍ଷାରେ ଅଛି। ଅପରପକ୍ଷରେ ଚଳିତ ଆର୍ଥିକବର୍ଷ ସୁଦ୍ଧା ଜିଲାରେ ୨,୯୩,୦୦୯ଟି ଜବକାର୍ଡ ଇସ୍ୟୁ ହୋଇଛି। ତେବେ ଚଳିତ ଆର୍ଥିକବର୍ଷରେ ଆଳି ବ୍ଲକ ଅଞ୍ଚଳର ୫୧୯୦ ଜବକାର୍ଡଧାରୀ ପରିବାରଙ୍କୁ କାମ ମିଳିଛି। ସେହିପରି ଡେରାବିଶ ବ୍ଲକ ଅଞ୍ଚଳରେ ୭୧୧୭, ଗରଦପୁରରେ ୬୩୦୨, କେନ୍ଦ୍ରାପଡ଼ାରେ ୬୫୦୩, ମହାକାଳପଡ଼ାରେ ୮୩୧୩, ମାର୍ଶାଘାଇରେ ୬୦୩୩, ପଟ୍ଟାମୁଣ୍ଡାଇରେ ୭୮୮୨, ରାଜକନିକାରେ ୭୧୭୭ ଓ ରାଜନଗର ବ୍ଲକ ଅଞ୍ଚଳର ୬୬୯୪ ଏପରି ମୋଟ ୬୧,୨୧୧ଟି ଜବକାର୍ଡଧାରୀ ପରିବାରଙ୍କୁ କାର୍ଯ୍ୟ ମିଳିଛି। ରାଜ୍ୟର ଗଞ୍ଜାମ ଜିଲାରେ ସର୍ବାଧିକ ୪୬,୩୦୧ଟି ଜବ୍‌କାର୍ଡଧାରୀ ପରିବାରଙ୍କୁ ୧୦୦ରୁ ଅଧିକ ଦିନ କାମ ମିଳିଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ଏହାର ସଂଖ୍ୟା ମାତ୍ର ୬୧୧ରେ ଅଛି।

ଏ ସମ୍ପର୍କରେ କୃଷକ ନେତା ବିଧୁଭୂଷଣ ମହାପାତ୍ର, ଉମେଶ କୁମାର ସିଂହ, ଗୟାଧର ଧଳ, ବୁଦ୍ଧିଜୀବୀ ଜଗଦୀଶ ପତି, ଚିତ୍ତରଞ୍ଜନ ସାହୁ, ଚାଷୀ ନିରଞ୍ଜନ ପରିଡା ପ୍ରମୁଖ କହିଛନ୍ତି, ଏହି ଯୋଜନା ଏବେ ଆଇନରେ ପରିବର୍ତ୍ତିତ ହୋଇଛି। କର୍ମ ନିଯୁକ୍ତି ଦେଶର ଏକ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ତୃଣମୂଳସ୍ତରର ଅର୍ଥନୀତିକୁ ପ୍ରଭାବିତ କରୁଛି। ତେବେ ଯୋଜନାକୁ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଲୋକ ପ୍ରତିନିଧି ଅଣଦେଖା କରୁଛନ୍ତି। ଯୋଜନାରେ ବହୁ ଅନିୟମିତତା ଦେଖାଦେଉଛି। ପ୍ରକଳ୍ପକୁ ମେସିନ ସାହାଯ୍ୟରେ କରାଇ ନେଇ ଶ୍ରମ ଦିବସ ସୃଷ୍ଟି କରାଯାଉଛି। ଏହାବ୍ୟତୀତ ଯୋଜନା ପାଇଁ ଧାର୍ଯ୍ୟ ମଜୁରି ଏବେ ଦରବୃଦ୍ଧି ସମୟରେ ଶ୍ରମିକଙ୍କୁ ସୁହାଉନାହିଁ। ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ନ ଥିବାରୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପଡି ରହୁଛି ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ପିଡି ରାଜେନ୍ଦ୍ର ପଣ୍ଡାଙ୍କୁ ପଚାରିବାରେ ପ୍ରକଳ୍ପ ନିର୍ମାଣ ସମୟରେ ସ୍ଥାନୀୟ ସମସ୍ୟା ଦେଖାଯାଉଛି। ତେବେ ଏହାକୁ ସମାଧାନ କରାଯାଇ ପ୍ରକଳ୍ପ ନିର୍ମାଣ ଚାଲିଛି। ଯୋଜନା ଅଗ୍ରଗତିକୁ ତ୍ୱରାନ୍ୱିତ କରିବାକୁ ବ୍ଲକସ୍ତରର ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

## ପୋଲିସ ଭ୍ୟାନ ଆଗରେ ମହିଳାଙ୍କ ଧାରଣା

### ପିଆର ବଣ୍ଡରେ ସ୍ୱାମୀଙ୍କୁ ଛାଡିଲା ପୋଲିସ

**ମହାକାଳପଡ଼ା,୨୧।୧୦(ଡି.ଏନ.ଏ.)**



ପୋଲିସ ଭ୍ୟାନ ସମ୍ମୁଖରେ ନ୍ୟାୟ ଦାବିରେ ପିନିଙ୍କ ଧାରଣା।

ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ରାମନଗର ପଞ୍ଚାୟତ ବାଲିପାଟ ଗାଁରେ ଏକ ପାରିବାରିକ ବିବାଦକୁ ନେଇ ଆଇଆଇସିଙ୍କ ସହ ପୋଲିସ ଟିମ୍ ଗୁରୁବାର ହରଡ ଘଣାରେ ପଡ଼ିଥିଲେ। ନ୍ୟାୟ ଓ ଦୁଇପୁଅଙ୍କୁ ନେବା ପାଇଁ ମହିଳା ଜଣକ ପୋଲିସ ଭ୍ୟାନ ଆଗରେ ଧାରଣା ଦେଇଥିଲେ।

ପୋଲିସ ସୂଚନା ଅନୁଯାୟୀ, ବାଲିପାଟ ଗାଁର ଅମିୟ କୁମାର ସ୍ୱାଇଁ (୪୦) ସ୍ତ୍ରୀଙ୍କ ମଧ୍ୟରେ ପୂର୍ବରୁ ବିବାଦ ଥିଲା। ଅମିୟ ବୁଧବାର ବିଳମ୍ବିତ ରାତିରେ ଘରେ ପହଞ୍ଚି ସ୍ତ୍ରୀ ପିନିଙ୍କୁ କାଠ ଫାଳିଆରେ ମାଡ଼ ମାରିଥିବା ସେ ଗୁରୁବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଇଆଇସି ପରେଶ କୁମାର ମହାନ୍ତି ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଛନ୍ତି। ସ୍ୱାମୀ ଅମିୟଙ୍କୁ ଥାନାରେ ଅଟକ ରଖିଥିଲେ। ଦମ୍ପତିଙ୍କ ଦୁଇପୁଅ ଅଛନ୍ତି। ସନ୍ଧ୍ୟାରେ ପିନି ନିଜର ଲୁଗା ପଟା ଓ ଅନ୍ୟ କେତେକ ସାମଗ୍ରୀ ନେବାକୁ ବାଲିପାଟ ଯାଇଥିଲେ। ଦୁଇପୁଅ ବାପା ଅମିୟଙ୍କ ପାଖରେ ରହିବାକୁ କହିଥିଲେ। ତେବେ ପିନି ଦୁଇ ପୁଅଙ୍କୁ ନେଇ ବାପ ଘରକୁ ପଳାଇବା ଜିଦ କରି ପୋଲିସ ଗାଡି ଆଗରେ ଧାରଣା ଦେଇଥିଲେ। ଶେଷରେ ଦୁଇପୁଅ ବାପା ଅମିୟ ପାଖରେ ରହିବାକୁ ରାଜି ହୋଇଥିଲେ। ଘଟଣା ପରେ ବାପଘର ଲୋକ ବୁଝାବୁଝି କରି ପିନିଙ୍କୁ ପୋଲିସ ଗାଡି ଆଗରୁ ହଟାଇ ନେଇଥିଲେ। ପିନି କହିଛନ୍ତି, ମୋର ଅମିୟଙ୍କ ସହ ୧୫ବର୍ଷ ତଳେ ପ୍ରେମ ବିବାହ ହୋଇଥିଲା। ପିନି ବାପଘର ଲୋକଙ୍କ ସହ ମହାକାଳପଡ଼ା ଥାନା ଓରତ ଗାଁକୁ ଯାଇଛନ୍ତି। ଏ ନେଇ ପୋଲିସ ନଂ.୧୫୩/୨୧ରେ ମାମଲା ରୁଜୁ କରିଥିଲା। ପରେ ପିଆର୍ ବଣ୍ଡରେ ପୋଲିସ ଅମିୟଙ୍କୁ ଛାଡ଼ିଛି।

## ସିଆରପିସି ଧାରା ୧୦୭ରେ ଦୃଷ୍ଟିବାଧିତ ବ୍ୟକ୍ତି

**କେନ୍ଦ୍ରାପଡା ଅଫିସ, ୨୧।୧୦**



ଦୃଷ୍ଟିବାଧିତ ଆଦିତ୍ୟ ମଲ୍ଲିକ।

ରକ୍ତପାତ ବା ଆଇନ ଶୃଙ୍ଖଳା ପରିସ୍ଥିତିରୁ ରକ୍ଷା ପାଇଁ ସିଆରପିସି ଧାରା ୧୦୭ ହେଉଛି ପୋଲିସଙ୍କ ପାଇଁ ଅମୋଘ ଅସ୍ତ୍ର। ଏହି ଧାରାରେ ସମ୍ଭାବ୍ୟ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଯାଉଥିବା ବ୍ୟକ୍ତି ଚୁକ୍ତିପତ୍ର କିମ୍ବା ୨୦ ହଜାର ଟଙ୍କା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଆଦେଶରେ ଦାଖଲ କରିବେ। ତେବେ ଜଣେ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ଏହି ଧାରାରେ ସାମିଲ କରିବା ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଗୁରୁବାର ଆଲୋଚନା ହେଉଛି। ଏ ସମ୍ପର୍କରେ ଆଇନଜୀବୀ ଧୀରେନ କୁମାର ସାହୁ ସୂଚନା ଦେଇଛନ୍ତି, ଟାଉନ ଥାନା ଅନ୍ତର୍ଗତ ଭ୍ରମରଦିଆପାଟଣା ଗାଁର ଆଦିତ୍ୟ ମଲ୍ଲିକ ଜଣେ ଦୃଷ୍ଟିବାଧିତ ବ୍ୟକ୍ତି। ପୈତୃକ ସମ୍ପତ୍ତିକୁ ନେଇ ପରିବାର ମଧ୍ୟରେ ବିବାଦ ଅଛି। ଗତ ମାର୍ଚ୍ଚ ୧୪ରେ ପାରିବାରିକ ଜମି ବିବାଦ ସମ୍ପର୍କରେ ହୋଇଥିବା ବିବାଦ ପାଇଁ ଟାଉନ ଥାନାରେ ବାପା ଓ ଭାଇଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ପିଆର ନଂ. ୪୯ରେ ପଞ୍ଜୀକୃତ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଅପରପକ୍ଷରେ ଏହି ଦୃଷ୍ଟିବାଧିତ ବ୍ୟକ୍ତିଙ୍କ ନାମରେ ଟାଉନ ଥାନା ପୋଲିସ କ୍ରିମିନାଲ ମିସ୍ କେସ୍ ନଂ. ୧୮୪ରେ ଧାରା ୧୦୭ ଲଗାଇଛନ୍ତି। ଜଣେ ଦୃଷ୍ଟିବାଧିତ ବ୍ୟକ୍ତି କିପରି ରକ୍ତପାତ ଓ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିପାରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଟାଉନ ଥାନା ଆଇଆଇସି ଜ୍ୟୋତିରଞ୍ଜନ ସାମନ୍ତରାୟ କହିଛନ୍ତି, ଏହି ପରିବାରରେ ଜମି ବିବାଦକୁ ନେଇ ଦୁଇ ପକ୍ଷଙ୍କ ମଧ୍ୟରେ ବାରମ୍ବାର କଳିଗୋଳ ହେଉଛି। ଏଥିପାଇଁ ଦୁଇପକ୍ଷଙ୍କ ଉପରେ ସିଆରପିସି ଧାରା ୧୦୭ ଲାଗୁ ପାଇଁ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କୁ ନିବେଦନ କରାଯାଇଛି। ସୂଚନାଯୋଗ୍ୟ, ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଶର୍ମିଷ୍ଠା ମାହାଳିକ ଦୃଷ୍ଟିବାଧିତ ଆଦିତ୍ୟଙ୍କୁ ଚୁକ୍ତି ପତ୍ର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଜିଲାସ୍ତରୀୟ ପୋଲିସ ଶହୀଦ ଦିବସ

**ଜଗତ୍‌ସିଂହପୁର ଅଫିସ/ କେନ୍ଦ୍ରାପଡ଼ା ଅଫିସ, ୨୧।୧୦**

ଜଗତ୍‌ସିଂହପୁର ପୁନଙ୍ଗସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ଗୁରୁବାର ଜିଲାସ୍ତରୀୟ ପୋଲିସ ଶହୀଦ ଦିବସରେ ଏସ୍‌ପି ଅଖିଳେଶ୍ୱର ସିଂ ଯୋଗ ଦେଇଥିଲେ। ଏହି ଅବସରରେ ଜିଲା ଆରକ୍ଷୀ ବାହିନୀ ପକ୍ଷରୁ ପରେଡ ପ୍ରଦର୍ଶନ କରାଯାଇଥିଲା। ଏସ୍‌ପି ସିଂ ଏହାପରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ସମସ୍ତ କରୋନା ଯୋଦ୍ଧାଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କରୋନାରେ ମୃତ୍ୟୁବରଣ କରିଥିବା ଜଗତ୍‌ସିଂହପୁର ଜିଲାର ହାବିଲଦାର ମଳୟ କୁମାର ଦାସଙ୍କ ସ୍ତ୍ରୀଙ୍କୁ ଏସ୍‌ପି ୫ ହଜାର ଟଙ୍କାର ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଜିଲାର ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ।

ସେହିପରି କେନ୍ଦ୍ରାପଡ଼ା ବ୍ଲକ ଜଜାଙ୍ଗସ୍ଥିତ ରିଜର୍ଭ ପୋଲିସ ପଡିଆରେ ପୋଲିସ ଶହୀଦ ଦିବସରେ ଅନୁଷ୍ଠିତ ପରେଡରେ ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ଅନ୍ୟ ପୋଲିସ ପଦାଧିକାରୀ ଶହୀଦ ଓ କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇଥିଲେ। ୧୯୫୯ ଅକ୍ଟୋବର ୨୧ରେ ଚାଇନା ସୈନିକ ଭାରତ ସୀମା ଉଲ୍ଲଂଘନ କରୁଥିଲେ। ଏହି ସମୟରେ ଭାରତର ୧୦ ଯବାନ ସେମାନଙ୍କୁ ପ୍ରତିରୋଧ କରିବାକୁ ଯାଇ ପ୍ରାଣବଳି ଦେଇଥିଲେ। ଏହି ଦିନକୁ ମନେ ପକାଇବା ପାଇଁ ୧୯୬୦ଠାରୁ ଶହୀଦ ଦିବସ ପାଳନ କରାଯାଉଛି। ପରେ ଶହୀଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## କୃଷ୍ଣପ୍ରିୟାପୁରରେ ଭଙ୍ଗାଗଲା ୩୫ ଚିଙ୍ଗୁଡ଼ି ଘେରି

**ରାଜନଗର, ୨୧।୧୦(ଡି.ଏନ.ଏ.)**

ରାଜନଗର ବନ ବିଭାଗ ପକ୍ଷରୁ ଭିତରକନିକା ଅଭୟାରଣ୍ୟ ଅଞ୍ଚଳରୁ ଗୁରୁବାର ୩୫ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ କରାଯାଉଛି ବୋଲି ରେଞ୍ଜ ଅଫିସର ଧନେଶ୍ୱର ରଥ ସୂଚନା ଦେଇଛନ୍ତି। ରାଜନଗର ତହସିଲ ଅଞ୍ଚଳର କୃଷ୍ଣପ୍ରିୟାପୁର ମୌଜାରେ ୧୫ ହେକ୍ଟର ଜମିରେ ଏହି ବେଆଇନ ଚିଙ୍ଗୁଡି ଘେରି ଗଢି ଉଠିଥିଲା। ରେଞ୍ଜ ଅଫିସର ରଥଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଳିକ, ବିଜୟ କୁମାର ପାତ୍ର, ପଦ୍ମନାଥ ରାଉତ ପ୍ରମୁଖ ବନ କର୍ମଚାରୀ ଚିଙ୍ଗୁଡି ଘେରି ଉଚ୍ଛେଦ କରିଛନ୍ତି। ବନ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ମୁତାବକ କୋଷ୍ଟାଲ ଆକ୍ୱାକଲଚର ଆକ୍ଟରେ ଭିତରକନିକା ଅଭୟାରଣ୍ୟ, ଜାତୀୟ ଉଦ୍ୟାନ ଭିତରେ ଏବଂ ଇକୋ ସେନ୍ସିଟିଭ ଜୋନ ମଧ୍ୟରେ ଚିଙ୍ଗୁଡି ଘେରି ରହିପାରିବ ନାହିଁ। ତେଣୁ ଏହି ଅଞ୍ଚଳ ମଧ୍ୟରେ ଥିବା ସମସ୍ତ ଚିଙ୍ଗୁଡି ଘେରି ବେଆଇନ।

## ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲା

## ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କଲା କଂଗ୍ରେସ, ଭାଜପା

**କେନ୍ଦ୍ରାପଡା ଅଫିସ, ୨୧।୧୦**



କଂଗ୍ରେସ ପକ୍ଷରୁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

କଳାହାଣ୍ଡି ଜିଲା ମହାଲିଙ୍ଗ ସନସାଇନ ସ୍କୁଲ ଅଧ୍ୟକ୍ଷା ମମିତା ମେହେରଙ୍କ ମୃତ୍ୟୁ ମାମଲାରେ କେନ୍ଦ୍ରାପଡ଼ା ଜିଲା ଯୁବ କଂଗ୍ରେସ ଓ ଜିଲା ଭାଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଉଭୟ ରାଜନୈତିକ ଦଳ ପକ୍ଷରୁ ତଦନ୍ତରେ ନିରପେକ୍ଷତାକୁ ପ୍ରଶ୍ନ କରି ବିକ୍ଷୋଭ ସହିତ ଗୃହମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର କୁଶ ପୁତ୍ତଳିକା ଗୁରୁବାର ଦାହ କରାଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। ବିକ୍ଷୋଭ ସମ୍ପର୍କରେ ସଭାପତି ସାମଲ କହିଥିଲେ ଯେ, ମମିତା ମୃତ୍ୟୁ ମାମଲାରେ ଗୃହମନ୍ତ୍ରୀ କ୍ୟାପଟେନ ମିଶ୍ରଙ୍କ ସମ୍ପୃକ୍ତି ଥିବା ନେଇ କୌଣସି ସନ୍ଦେହ ନାହିଁ। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଏକ ଅଡିଓ ଏହାକୁ ପ୍ରମାଣିତ କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏହି ବର୍ବର କାଣ୍ଡ ସମ୍ପର୍କରେ କୌଣସି ମତ ଅଦ୍ୟାବଧି ରଖୁନାହାନ୍ତି। ପୂର୍ବରୁ ଏପରି ବହୁ ମାମଲାରେ ମହିଳାଙ୍କୁ ସୁରକ୍ଷା ଦିଆଯାଇ ନ ଥିବା ବେଳେ ମମିତା ହତ୍ୟାକାଣ୍ଡରେ ଶାସକ ଦଳର ସମ୍ପୃକ୍ତି ତଦନ୍ତର ନିରପେକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ନେତୃତ୍ୱ ଯୁବ କଂଗ୍ରେସର କର୍ମକର୍ତ୍ତା ଦେବାଶିଷ ମହାନ୍ତି, ସତ୍ୟ ପରିଡା, ରାଜମୋହନ ସ୍ୱାଇଁ, ରତିକାନ୍ତ ବେହୁରା, ଅମୀର ଅହମ୍ମଦ, ସୀତାଂଶୁ ନାୟକ ପ୍ରମୁଖ ନେଇଥିଲେ। ସେହିପରି ସହରର ତିନିମୁହାଣୀ ଛକଠାରେ ଜିଲା ଭାଜପା ପକ୍ଷରୁ ବିକ୍ଷୋଭ ଓ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିରେ ଜିଲା ଭାଜପା ସଭାପତି କିଶୋର କୁମାର ପଣ୍ଡା, ବରିଷ୍ଠ ନେତା ସୁନାକର ବେହେରା, କଳ୍ପନା ମଲ୍ଲିକ, ଅଭିମନ୍ୟୁ ଗୋଚ୍ଛାୟତ, ଶଶାଙ୍କ କୁମାର ସେଠୀ, ସରୋଜକାନ୍ତ ନାୟକ, ନେହେରୁ କୁମାର ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏଥିରେ ଶତାଧିକ ଭାଜପା କର୍ମୀ ଯୋଗ ଦେଇଥିଲେ।

### ଆଦର୍ଶ ଶିକ୍ଷକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ରାଜନଗର, ୨୧।୧୦(ଡି.ଏନ.ଏ.)**

ଆଦର୍ଶ ଶିକ୍ଷକ ଉମେଶ ଚନ୍ଦ୍ର ରାଉତଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ତାଙ୍କ ଜନ୍ମସ୍ଥାନ ସିହାରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଉମେଶ ଚନ୍ଦ୍ର ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ନିର୍ମିତ ତାଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ପଦ୍ମଶ୍ରୀ ସୁଦର୍ଶନ ସାହୁ, ରାଜନଗର ବିଧାୟକ ଧ୍ରୁବ ସାହୁ ଓ ଟ୍ରଷ୍ଟର ସଭାପତି କାଶୀନାଥ ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କଥାକାର ପ୍ରଦୀପ ନାୟକଙ୍କ ପୌରୋହିତ୍ୟରେ ଶ୍ରଦ୍ଧାଞ୍ଜଳି ସଭାରେ କେଳୁଚରଣ ସ୍ୱାଇଁ, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ବଳରାମ ସିଂହ, ଶିକ୍ଷକ ନାରାୟଣ ସୂତାର, ସବିତା ବେହୁରା, ବବିତା ରାଉତ, ସୁଚିତ୍ରା ରାଉତ, କବିତା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଗତ ବକ୍ତବ୍ୟ ରଖି ଟ୍ରଷ୍ଟି ସୁଶାନ୍ତ କୁମାର ରାଉତ ସମାଜ ସେବା, ପରିବେଶ ସୁରକ୍ଷା, ଅସହାୟଙ୍କୁ ସାହାଯ୍ୟ ଓ ମେଧାବୃତ୍ତି ଆଦି କ୍ଷେତ୍ରରେ ଟ୍ରଷ୍ଟ କାର୍ଯ୍ୟ କରିବ ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ର ରୁଦ୍ରକାନ୍ତ ସାହୁ, ସତ୍ୟଶିଖା ବେହୁରା , ଓମ୍ ପ୍ରକାଶ ନାୟକ, ବିବେକ ମହାନ୍ତି, ସୂର୍ଯ୍ୟକାନ୍ତ ବରାଳ, ଜୟଶ୍ରୀ ରାଉତ, ଶ୍ରଦ୍ଧାଞ୍ଜଳି ସାହୁଙ୍କୁ ୧୦ ହଜାର ଅର୍ଥରାଶି ସହ ପୁରସ୍କୃତ ଏବଂ ବହୁ ବରିଷ୍ଠ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### କୁଜଙ୍ଗ ଗାନ୍ଧୀ ନାରାୟଣ ବୀରବର ସାମନ୍ତଙ୍କ ଜୟନ୍ତୀ

**କୁଜଙ୍ଗ,୨୧।୧୦(ଡି.ଏନ୍.ଏ.)**

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ପ୍ରମୁଖ ବିଧାଣୀ, ସ୍ୱାଧୀନତା ସଂଗ୍ରାମୀ, ବିଧାନସଭାର ପୂର୍ବତନ ଉପବାଚସ୍ପତି ତଥା କୁଜଙ୍ଗ ଗାନ୍ଧୀ ଭାବେ ପରିଚିତ ନାରାୟଣ ବୀରବର ସାମନ୍ତଙ୍କ ଜୟନ୍ତୀ ଗୁରୁବାର ପାରାଦୀପ ଗଡ଼ ପାରେଶ୍ୱର ମନ୍ଦିର ଓ ଚଟୁଆ ବେଡି ମଠରେ ପାଳିତ ହୋଇଯାଇଛି। ପାରେଶ୍ୱର ମନ୍ଦିର ଟ୍ରଷ୍ଟ ପକ୍ଷରୁ ସଭାପତି ପ୍ରଶାନ୍ତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମ୍ପାଦକ ମନୋଜ ପାତ୍ର, ଅନାମ ସେଠୀ, ଶରତ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ସେହିପରି ସ୍ୱାଧୀନତା ସଂଗ୍ରାମର ଐତିହ୍ୟ ସ୍ମାରକୀ ଚଟୁଆ ବେଡି ମଠରେ ଓଡ଼ିଶା ସ୍ୱାଭିମାନ ପରିଷଦ ପକ୍ଷରୁ ସାମନ୍ତଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ସୁଶାନ୍ତ ଶେଖର ସ୍ୱାଇଁ ଏହାର ନେତୃତ୍ୱ ନେଇଥିଲେ।

### ଓଏଏସ୍ ପାଇଥିବା ଛାତ୍ରୀଙ୍କୁ ବିଦ୍ୟାଳୟରେ ସମ୍ବର୍ଦ୍ଧନା

**ଡେରାବିଶ,୨୧।୧୦(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ସବଳଙ୍ଗ ପ୍ରାଥମିକ ବିଦ୍ୟାଳୟର ପୁରାତନ ଛାତ୍ରୀ ହରପ୍ରିୟା ପୃଷ୍ଟି ୨୦୧୯ ଓଏଏସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବାରୁ ବିଦ୍ୟାଳୟ ପକ୍ଷରୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସଭାରେ ବ୍ଲକର ଅତିରିକ୍ତ ଶିକ୍ଷାଧିକାରୀ ନରହରି ସୂତାର ଅଧ୍ୟକ୍ଷତା କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ସୁବୋଧ କୁମାର ପରିଡ଼ା ସଂଯୋଜନା କରିଥିଲେ। ସଭାପତି ସୂତାର ହରପ୍ରିୟାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରକାଶ କୁମାର ରାଉତ, ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଭାଗବତ ସିଂ, ଦାମୋଦର ସାମଲ, ପୂର୍ବତନ ଶିକ୍ଷକ ଅନନ୍ତ ଚରଣ ଦାସ ଉପସ୍ଥିତ ରହିଥିଲେ। ହରପ୍ରିୟା ଭବିଷ୍ୟତରେ ଆହୁରି କୃତିତ୍ୱ ହାସଲ କରି ଗ୍ରାମକୁ ଅଧିକ ଗୌରବାନ୍ୱିତ କରୁ ବୋଲି ଅବସରପ୍ରାପ୍ତ କ୍ୟାପଟେନ୍ ଅମିତାଭ ସାମଲଙ୍କ ସମେତ ଗାଁର ବରିଷ୍ଠ ନାଗରିକ କହିଥିଲେ। ଶେଷରେ ଅଜୟ କୁମାର ଦାସ ଧନ୍ୟବାଦ ଦେଇଥିଲେ।



କେନ୍ଦ୍ରାପଡ଼ା ସହରରେ ପୂଜା ପାଉଥିବା ଗଙ୍ଗାଭାଗୀରଥି



ଥାନପତି ପୂଜା କମିଟି, ଚଉଦ କୁଲାଟ



ପଦ୍ମାବତୀ ପୂଜା କମିଟି



ଗ୍ରାଣ୍ଡ ପୂଜା କମିଟି



ଟାଉନ କ୍ଲବ୍



କାଞ୍ଚି ଅଭିଯାନ



ମହାବୀର କ୍ଲବ।

## ଚାଷୀଙ୍କ ଡାଟାବେଶ ପାଇଁ ୧୦୦ ଟଙ୍କା ଆଦାୟ

ନୟାଗଡ଼ ଅଫିସ : ଚାଷୀଙ୍କ ଡାଟା ବେଶ ପ୍ରସ୍ତୁତି ପାଇଁ ନୟାଗଡ, ଓଡ଼ଗାଁ ବ୍ଲକ ସମେତ ଜିଲାର ବିଭିନ୍ନ ବ୍ଲକରେ ୧୦୦ ଟଙ୍କା ଲେଖାଏଁ ଆଦାୟ ହେଉଛି । କେତେଜଣ କୃଷି କର୍ମଚାରୀ ଏହି ଟଙ୍କା ଆଦାୟ କରୁଥିବାର ଅଭିଯୋଗ ରହିଛି । ଏନେଇ ଜିଲା କଂଗ୍ରେସ ପକ୍ଷରୁ ମୋର ସରକାର ୫ଟି ସଚିବ, କୃଷି ମନ୍ତ୍ରୀ, କୃଷି ସଚିବଙ୍କୁ ଅବଗତ କରାଯାଇ ତଦନ୍ତ ପାଇଁ ଅନୁରୋଧ କରାଯାଇଛି ।






## ସଂକ୍ଷେପରେ

### ମନ୍ଦିରରେ ହବିଷିଆଳିଙ୍କ ଭିଡ଼

**ଖଣ୍ଡପଡ଼ା,୨୧।୧୦(ସ୍ୱ.ପ୍ର.):** ଗୁରୁବାରଠାରୁ କଣ୍ଟିଲୋ ନୀଳମାଧବ ଜୀଉ, ସିଧାମୂଳା ଗୋକୁଳାନନ୍ଦ ଜୀଉ, ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର ଓ ବିଭିନ୍ନ ଶୈବ ପୀଠରେ କାର୍ତ୍ତିକ ବ୍ରତ ନୀତି ଆରମ୍ଭ ହୋଇଛି । ଏଥିପାଇଁ ପ୍ରତ୍ୟହ ସକାଳୁ ଶ୍ରୀଜୀଉଙ୍କ ମନ୍ଦିରରେ ଶ୍ରଦ୍ଧାଳୁ ଓ ହବିଷ୍ୟାଳୀଙ୍କ ଭିଡ଼ ଲାଗି ରହିଛି । କାର୍ତ୍ତିକ ମାସ ପାଇଁ ଠାକୁରଙ୍କ ସ୍ୱତନ୍ତ୍ର ନୀତି ସହ ଶ୍ରୀ ଜୀଉଙ୍କ ଦାମୋଦର ବେଶ ଅନୁଷ୍ଠିତ ହେଉଛି । କାର୍ତ୍ତିକ ବ୍ରତ ସହିତ ଠାକୁରଙ୍କ ଏହି ବେଶ ୧ମାସ ପର୍ଯ୍ୟନ୍ତ ହେବ । ଶ୍ରୀଜୀଉଙ୍କ ଦାମୋଦର ବେଶ ପରେ ମନ୍ଦିର ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ସକାଳ ଧୂପ ଓ ଅନ୍ୟାନ୍ୟ ପାରମ୍ପରିକ ନୀତି ଅନୁଷ୍ଠିତ ହେଉଛି ।

### ଦେଶୀ ମଦ ଜବତ, ୨ଗିରଫ

**ଖଣ୍ଡପଡ଼ା,୨୧।୧୦(ସ୍ୱ.ପ୍ର.):** ଖଣ୍ଡପଡ଼ା ଡ଼ାକ୍ତରଖାନା ଛକରେ ପୋଲିସ ଅଚାନକ ଚଢାଉ କରି ୧୫ ଲିଟର ଦେଶୀ ମଦ ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ ଖଣ୍ଡପଡ଼ା ସହର ତଳସାହିର ପ୍ରକାଶ କୁମାର ସେଠୀ ଓ ପ୍ରମୋଦ କୁମାର ଜେଠୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ସେମାନେ ବ୍ୟବହାର କରୁଥିବା ଏକ ବାଇକ୍‌କୁ ପୋଲିସ ଜବତ କରିଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୨୧୩/୨୧) ରୁଜୁ ହୋଇଛି ।

### ବଳଭଦ୍ର ଠାକୁରଙ୍କ ରଥଚକ ସ୍ଥାପନ



**ନୟାଗଡ଼ ଅଫିସ,୨୧।୧୦:** ଶ୍ରୀକ୍ଷେତ୍ର ପୁରୀରୁ ମହାପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ରଥ ଚକକୁ ଅଣାଯାଇ ଓଡ଼ଗାଁ ବ୍ଲକ ବଡ଼ଗୋରଡା ଗ୍ରାମରେ ଜଗନ୍ନାଥ ମନ୍ଦିରରେ ବୁଧବାର ସ୍ଥାପନା କରାଯାଇଛି। ବଡ଼ଗୋରଡା ଗ୍ରାମର ପୂର୍ବତନ ପୋଲିସ ଅଧିକାରୀ ହରିହର ଦୋରାଙ୍କ ସହଯୋଗରେ ଶ୍ରୀକ୍ଷେତ୍ରରୁ ରଥ ଚକ ଅଣାଯାଇଥିଲା । ଏହାକୁ ପୂଜାର୍ଚ୍ଚନା ପରେ ନାମ ସଂକୀର୍ତ୍ତନରେ ଶରଣକୁଳର ଲଡୁବାବାଙ୍କ ଧାମକୁ ଅଣାଯାଇଥିଲା । ସେଠାରେ ପୁଣି ପୂଜାର୍ଚ୍ଚନା କରାଯାଇ ବଡ଼ଗୋରଡା ଗାଁରେ ନେଇ ମନ୍ଦିରରେ ରଖାଯାଇଛି । ଗାଁଲୋକ ଘର ସମ୍ମୁଖରେ ପୂର୍ଣ୍ଣକୁମ୍ଭ ରଖି, ଦୀପ ଜାଳି ରଥ ଚକକୁ ସ୍ୱାଗତ କରିଥିଲେ ।

### ୨ ଜୁଆଡ଼ି ଗିରଫ

**ନୟାଗଡ଼ ଅଫିସ,୨୧।୧୦:** ନୟାଗଡ଼ ସଦର ଥାନା ପୋଲିସ ରାଜପାଟଣାର ଏକ ପୋଖରୀ ନିକଟରୁ ୨ଜଣ ଜୁଆଡିଙ୍କୁ ଗିରଫ କରିଛି । ସେଠାରୁ ୨୭୦୦ ଟଙ୍କା, ପଶା ପାଲି, ଷ୍ଟିଲ ଗ୍ଲାସ, ୨ ମୋବାଇଲ ସେଟ୍, ଏକ ଲୁନା ଜବତ କରାଯାଇଛି । ରାଜପାଟଣାର ଟୁଲୁ ସାହୁ ଓ ମିଟୁ ସାହୁ ଗିରଫ ହୋଇଛନ୍ତି । ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ । ଅନ୍ୟ ୭ଜଣ ଖସି ଯାଇଛନ୍ତି ।

# ଲଢ଼େଇ ପାଇଁ ସାବାସି ନାହିଁ

**ନୟାଗଡ଼ ଅଫିସ,୨୧।୧୦**

- ଜଙ୍ଗଲ ସୁରକ୍ଷାକାରୀଙ୍କ ପ୍ରତି ଅବହେଳା
- ମିଳୁନାହିଁ ଜଙ୍ଗଲ ଅଧିକାର ପ୍ରମାଣପତ୍ର
- ବନବାସୀଙ୍କ ଆନ୍ଦୋଳନ ଧମକ



ଜଙ୍ଗଲ ସୁରକ୍ଷା ପାଇଁ ଯାଉଥିବା ବନବାସୀ ।

ଠେଙ୍ଗାପାଳିରେ ଜଙ୍ଗଲ ସୁରକ୍ଷା ରାଜ୍ୟ ତଥା ଦେଶରେ ନୂଆ ଦିଗ ଦେଖାଇଛି । ଜଙ୍ଗଲକୁ ସୁରକ୍ଷା, ସଂରକ୍ଷଣ, ପରିଚାଳନା କରି ଆସୁଥିବା ବନବାସୀମାନଙ୍କୁ ସରକାର ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଗୋଷ୍ଠୀ ଜଙ୍ଗଲ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପାଇବା ପାଇଁ ସେମାନଙ୍କ ଲଢ଼େଇକୁ ସହଯୋଗ ମିଳୁନାହିଁ। ଏଣୁ ଉପଖଣ୍ଡସ୍ତରୀୟ ଜଙ୍ଗଲ ଅଧିକାର କମିଟିରେ ମଞ୍ଜୁର ପରେ ବି ଗୋଷ୍ଠୀ ଜଙ୍ଗଲ ଅଧିକାର ସତ୍ତ୍ୱାଧିକାର ପ୍ରମାଣ ପତ୍ର ମିଳୁନାହିଁ । ଏହାର ପ୍ରତିବାଦରେ ରଣପୁର ବ୍ଲକର ୨୧୭ ଖଣ୍ଡ ଗାଁର ଲୋକେ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଗୋଷ୍ଠୀ ଜଙ୍ଗଲ ଅଧିକାର ସତ୍ତ୍ୱାଧିକାର ପ୍ରମାଣ ପତ୍ର ନ ମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ବନବାସୀମାନେ କହିଛନ୍ତି ।

ରଣପୁର ବ୍ଲକ ଅଞ୍ଚଳରେ ୨୧୭ଟି ଗ୍ରାମଗୋଷ୍ଠୀ ନିଜ ଉଦ୍ୟମରେ ବହୁ ବର୍ଷ ହେଲା ଜଙ୍ଗଲ ସୁରକ୍ଷା, ସଂରକ୍ଷଣ, ପରିଚାଳନା କରିବା ସହ ଜଙ୍ଗଲ ଭୋଗ ବ୍ୟବହାର କରି ଆସୁଛନ୍ତି । ସରକାର ଜଙ୍ଗଲ ସୁରକ୍ଷା ଲାଗି ପଦକ୍ଷେପ ନେଇ ନ ଥିବାବେଳେ ବନବାସୀମାନେ ସେଥିଲାଗି ଅଣ୍ଟା ଭିଡ଼ିଥିଲେ । ସେଥିପାଇଁ ହଜାର ଏକର ଜଙ୍ଗଲ ପୁନରୁଦ୍ଧାର ହୋଇଥିଲା । ଚୁଲି ଚାନ୍ଦା ଓ ଠେଙ୍ଗାପାଳି ମାଧ୍ୟମରେ ଜଙ୍ଗଲ ସୁରକ୍ଷାର ବାର୍ତ୍ତା ସରକାରଙ୍କୁ ମଧ୍ୟ ଜଙ୍ଗଲ ସୁରକ୍ଷା କରିବାର ପଥ ପ୍ରଦର୍ଶନ କରିଥିଲା । ଏଭଳିସ୍ଥଳେ ବନବାସୀମାନଙ୍କୁ ମା'ମଣିନାଗ ଜଙ୍ଗଲ ସୁରକ୍ଷା ପରିଷଦ ସାହାସ ଦେବା ସହ ସହଯୋଗ କରି ଗ୍ରାମ୍ୟଗୋଷ୍ଠୀମାନଙ୍କୁ ଜଙ୍ଗଲ ଦାୟିତ୍ୱ ଦେବାକୁ ଆଗ୍ରହ ସୃଷ୍ଟି କରିଥିଲା । ଅନ୍ୟପକ୍ଷେ କେନ୍ଦ୍ର ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ୨୦୦୬, ନିୟମ ୨୦୦୭, ଓ ସଂଶୋଧିତ ନିୟମାବଳୀ ୨୦୧୨ ଅନୁଯାୟୀ ୨୧୭ ଗ୍ରାମ୍ୟଗୋଷ୍ଠୀ ଜଙ୍ଗଲ ଅଧିକାର ଦାବି ଫର୍ମ ଉପଖଣ୍ଡସ୍ତରୀୟ କମିଟିରେ ଦାଖଲ କରିଥିଲେ । ସରକାରଙ୍କ ନୀତି ନିୟମ ଅନୁସାରେ ଗ୍ରାମସଭା ଓ ପଲ୍ଲୀସଭାର ଅନୁମୋଦନ କପି, ପଡୋଶୀ ଗ୍ରାମର ସୀମା ସହମତି, ମାପ ତଦନ୍ତରେ ରାଜସ୍ୱ ବିଭାଗ, ବନବିଭାଗ ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ଯୋଗଦାନ, ସ୍ୱାକ୍ଷର ସମେତ ନକ୍ସା ଦାବିପତ୍ର ମଧ ଉପଖଣ୍ଡସ୍ତରୀୟ କମିଟିରେ ସଂଯୋଗ କରି ଦିଆଯାଇଥିଲା । ଉପଖଣ୍ଡସ୍ତରୀୟ କମିଟି ଏଥିରୁ ୨୪ଟି ଗୋଷ୍ଠୀ ସମ୍ବଳ ଅଧିକାର ଦାବି ପତ୍ରକୁ ୨୮।୧୨।୨୦୧୮ରେ ମଞ୍ଜୁର କରିଥିଲା । ତେବେ ଗୋଷ୍ଠୀ ଜଙ୍ଗଲ ଅଧିକାର ସତ୍ତ୍ୱାଧିକାର ପ୍ରମାଣପତ୍ର ବନବାସୀମାନଙ୍କୁ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି ।

ଏ ନେଇ ବଳଭଦ୍ରପୁର ଅଞ୍ଚଳର ଦାମୋଦର ପ୍ରଧାନ କୁହନ୍ତି, ଜଙ୍ଗଲ ସୁରକ୍ଷାକାରୀଙ୍କୁ ପ୍ରମାଣ ପତ୍ର ଦେବାରେ ସରକାର ଓ ପ୍ରଶାସନ ଅନାଗ୍ରହ ପ୍ରକାଶ କରିବାରୁ ଭୁଲବାର୍ତ୍ତା ଯାଉଛି । ଯାହାକି ଜଙ୍ଗଲ ସୁରକ୍ଷାକାରୀ ଗ୍ରାମ୍ୟଗୋଷ୍ଠୀଙ୍କୁ ପ୍ରୋତ୍ସାହନ ମିଳୁନାହିଁ । ପୁଣି ଅନେକଙ୍କୁ ଏହା ଆନ୍ଦୋଳନ କରିବାକୁ ବାଧ କରୁଛି। ବନବାସୀଙ୍କ ପ୍ରଶ୍ନ ଅନୁମତି ଦେବା ପରେ ପ୍ରମାଣପତ୍ର ଦେବାରେ ଅସୁବିଧା ରହୁଛି କେଉଁଠି । ଏଣୁ ବନବାସୀମାନେ ଆନ୍ଦୋଳନ କରି ଦାବି ହାସଲ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମଣିନାଗ ଜଙ୍ଗଲ ସୁରକ୍ଷା ପରିଷଦର ସମ୍ପାଦକ ଅରକ୍ଷିତ ସାହୁ କୁହନ୍ତି, ୨୧୭ ଗ୍ରାମ୍ୟ ଗୋଷ୍ଠୀ ଜଙ୍ଗଲ ମଧ୍ୟରୁ ବଳଭଦ୍ରପୁର, ତାଳକଣି, କୁଳାସର, ସୁରୁକାବାଡି, ବଜ୍ରକୋଟ, ବଳଭଦ୍ରପୁର ପଞ୍ଚାୟତର ୨୪ ଖଣ୍ଡ ଗାଁର ଲୋକେ ଗୋଷ୍ଠୀ ଜଙ୍ଗଲ ଅଧିକାର ସତ୍ତ୍ୱାଧିକାର ପ୍ରମାଣ ପତ୍ର ପାଇବାକୁ ହକଦାର । ଉପଖଣ୍ଡସ୍ତରୀୟ କମିଟିରେ ଏମାନଙ୍କୁ ପ୍ରମାଣପତ୍ର ଦେବାକୁ ମଞ୍ଜୁରୀ ମିଳିଛି । କିନ୍ତୁ ପ୍ରମାଣପତ୍ର ମିଳୁ ନ ଥିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୪ ନୁହେଁ ୨୧୭ ଖଣ୍ଡ ଗାଁର ଲୋକେ ଗଣବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ସେ ସୂଚନା ଦେଇଛନ୍ତି ।

## ୬ ଘଣ୍ଟା ପରେ ନାବାଳିକା ଉଦ୍ଧାର

**ନୟାଗଡ଼ ଅଫିସ,୨୧।୧୦**

ନୟାଗଡ଼ ଜିଲା ଇଟାମାଟି ଥାନା ପୋଲିସ ଜଣେ ନିଖୋଜ ନାବାଳିକାଙ୍କୁ ଅଭିଯୋଗର ୬ ଘଣ୍ଟା ପରେ ଉଦ୍ଧାର କରିବାରେ ସକ୍ଷମ ହୋଇଛି । ବୁଧବାର ପୂର୍ବାହ୍ନରେ ଟ୍ୟୁଶନକୁ ଯାଇ ଇଟାମାଟି ଥାନା ଅଞ୍ଚଳର ଜଣେ ନାବାଳିକା ନିଖୋଜ ହୋଇ ଯାଇଥିଲେ । ଏନେଇ ରାତି ସାଢ଼େ ୯ଟାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୬୬/୨୧)ରୁଜୁ କରି ତଦନ୍ତ କରିଥିଲା । ଏପରିକି ରାତାରାତି ନାବଳିକାଙ୍କୁ କଟକ ଜିଲା ଭେଡା ବାଙ୍କିରୁ ମାମୁ ଘରୁ ଉଦ୍ଧାର କରିଥିଲା ।

## ମିଶନ ଶକ୍ତି ଗୃହ ନିର୍ମାଣକୁ ବିରୋଧ

### ବିଡିଓଙ୍କୁ ଧମକ , ଯୁବକ ଗିରଫ

**ଖଣ୍ଡପଡ଼ା,୨୧।୧୦ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡ଼ା ଗ୍ରାମରେ ମିଶନ ଶକ୍ତି ଗୃହ ନିର୍ମାଣକୁ ବିରୋଧ କରିବା ସହ ଖଣ୍ଡପଡ଼ ବିଡିଓ ଓ କନିଷ୍ଠଯନ୍ତ୍ରୀଙ୍କୁ ଧମକ ଦେବା ଅଭିଯୋଗର ପୋଲିସ କୁମ୍ଭାରପଡ଼ା ଗ୍ରାମର ଲଳିତ ପଣ୍ଡା(୪୫)ଙ୍କୁ ବୁଧବାର ଗିରଫ କରିଛି । ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି, ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖଣ୍ଡପଡ଼ା ସବ୍‌ଜେଲକୁ ପଠାଇ ଦିଆଯାଇଛି । ଏ ସମ୍ପର୍କରେ ଖଣ୍ଡପଡ଼ା ବିଡ଼ିଓ ଅରୁଣିମା ସାହୁ ଲିଖିତ ଅଭିଯୋଗ କରିଥିଲେ ।

# ପାଠ ନ ପଢ଼ି ପରୀକ୍ଷା ଦେବେ ଛାତ୍ରୀଛାତ୍ର

**ନୟାଗଡ଼ ଅଫିସ,୨୧।୧୦**

### ୫ରୁ ସେମିଷ୍ଟାର ଇଣ୍ଟରନାଲ ପରୀକ୍ଷା

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ୩ ଛାତ୍ରୀଛାତ୍ରଙ୍କ ୨ୟ ଓ ୪ର୍ଥ ସେମିଷ୍ଟାର ଇଣ୍ଟରନାଲ ପରୀକ୍ଷା ଅଫ୍ ଲାଇନରେ ହେବ । ପରୀକ୍ଷା ନଭେମ୍ବର ୫ରୁ ଆରମ୍ଭ ହୋଇ ୧୦ରେ ଶେଷ ହେବ । ଏନେଇ ଗୁରୁବାର ସନ୍ଧ୍ୟାରେ ନୋଟିସ ପ୍ରକାଶ ପାଇଛି । ତେବେ କେତେଜଣ ଛାତ୍ରୀଛାତ୍ର କହିଛନ୍ତି, କଲେଜରେ ଅନ୍‌ଲାଇନ କିମ୍ବା ଅପ୍ ଲାଇନରେ କୋର୍ସ ଶେଷ ହୋଇନାହିଁ। କରୋନା ଯୋଗୁ ଠିକ୍‌ରେ ପାଠପଢ଼ା ହୋଇପାରିନାହିଁ। ଏବେ ପରୀକ୍ଷା କିପରି ଦେବୁ ସେହି ଚିନ୍ତା ଘାରିଛି । ଏନେଇ ମହାବିଦ୍ୟାଳୟର ଅଧକ୍ଷ ସୁରେଶ ଚନ୍ଦ୍ର ପ୍ରଧାନ କୁହନ୍ତି, ଅନ୍‌ଲାଇନ ଓ ଅପ୍‌ଲାଇନରେ କୋର୍ସ ଶେଷ ହୋଇଛି । ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ୨ୟ ଓ ୪ର୍ଥ ସେମିଷ୍ଟାରର ଇଣ୍ଟରନାଲ ପରୀକ୍ଷା ଅଫ୍ ଲାଇନରେ ହେଲେ କିଛି ଅସୁବିଧା ହେବ ନାହିଁ ବୋଲି କହିଛନ୍ତି ।

# ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ

**ନୟାଗଡ଼ ଅଫିସ,୨୧।୧୦**



ଅତିରିକ୍ତ ଏସ୍‌ପି ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ।

ନୟାଗଡ଼ ପିଟିଏସ୍ ପଡ଼ିଆରେ ଗୁରୁବାର ଜିଲା ପୋଲିସ ପକ୍ଷରୁ ୬୨ତମ ଶହୀଦ୍ ସ୍ମୃତି ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ ପରେଡରେ ଅତିରିକ୍ତ ଏସ୍‌ପି ମାଧୁରୀ ସାମଲ ଯୋଗ ଦେଇ ଅଭିବାଦନ ଗ୍ରହଣ କରିଥିଲେ । ପୋଲିସ ଶହୀଦ୍‌ସ୍ତମ୍ଭରେ ସେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପୋଲିସଙ୍କ କାର୍ଯ୍ୟଦକ୍ଷତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିରେ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକଙ୍କ ସମେତ ଡିଏସ୍‌ପି, ବିଭିନ୍ନ ଥାନାର ଆଇଆଇସି ଦେଇଥିଲେ ।

# ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ

**ଗଣିଆ,୨୧।୧୦(ଡି.ଏନ.ଏ.)**

ଗଣିଆରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଗୁରୁବାର ଜବରଦଖଲ ଉଚ୍ଛେଦ କରିଛି ପ୍ରଶାସନ ।



ଜେସିବି ମେଶିନ ଦ୍ୱାରା ଜବରଦଖଲ ଉଚ୍ଛେଦ କରାଯାଉଛି ।

ଚଉବଙ୍ଗ ତୋଟା ସମ୍ମୁଖ ସରକାରୀ ଜମିରେ ଜଣେ ବ୍ୟକ୍ତି ଗତ ୧୦ବର୍ଷ ହେବ ଘର ନିର୍ମାଣ କରି ରହିଆସୁଥିଲେ । ସେହି ସ୍ଥାନରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ପ୍ରଶାସନ ତରଫରୁ ଚିହ୍ନଟ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସେଠାରୁ ହଟିଯିବା ପାଇଁ ଏକାଧିକ ଥର ନୋଟିସ୍ କରାଯାଇଥିଲା । ହେଲେ ସମ୍ପୃକ୍ତ ବ୍ୟକ୍ତି ପ୍ରଶାସନ ନୋଟିସକୁ ଚ୍ୟାଲେଞ୍ଜ କରି ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନେଇ ଜବରଦଖଲ ଉଚ୍ଛେଦକୁ ସ୍ଥଗିତ ରଖିଥିଲେ ।

ପ୍ରଶାସନ ତରଫରୁ ଚଳିତ ମାସ ୨୦ତାରିଖ ସୁଦ୍ଧା ସେହି ଜାଗା ଛାଡି ଚାଲିଯିବାକୁ ନୋଟିସ ଦିଆଯାଇଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତି ସେହି ସ୍ଥାନ ଛାଡି ନ ଥିଲେ । ଫଳରେ ଗୁରବାର ସକାଳୁ ପ୍ରଶାସନ ପକ୍ଷରୁ ଉଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଜବରଦଖଲ ଉଚ୍ଛେଦ ସମୟରେ ଗଣିଆ ତହସିଲଦାର କିଶୋର କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ବନମାଳୀ ପରିଡ଼ା, ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଖଣ୍ଡପଡ଼ା ଆଇଆଇସି ବିଶ୍ୱଜିତ୍ ରାଉତରାୟ, ଏସ୍‌ଆଇ ଶ୍ରଦ୍ଧା ନାୟକ ଓ ଗଣିଆ ପୋଲିସଙ୍କ ସମେତ ତହସିଲ କର୍ମଚାରୀମାନେ ଉପସ୍ଥିତ ଥିଲେ ।



# ବୁଢ଼ିବାକୁ ବସିଲାଣି କଂସା, ପିତ୍ତଳ ଶିଳ୍ପ

ଖଣ୍ଡପଡ଼ା,୨୧।୧୦ (ସ୍ୱ.ପ୍ର.)

■ କଞ୍ଚାମାଲର ଅଭାବକୁ ନେଇ ଚିନ୍ତା
■ ଚାହିଦା ନାହିଁ, ହାତବାନ୍ଧି ବସିଛନ୍ତି କାରିଗର
■ ଆଗ୍ରହ ପ୍ରକାଶ କରୁନାହାନ୍ତି ଯୁବପିଢ଼ି

ଏକଦା ନୟାଗଡ଼ ଜିଲାର କଣ୍ଟିଲୋ କଂସା ପିତ୍ତଳ ବାସନ ଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ରାଜ୍ୟ ଓ ରାଜ୍ୟ ବାହାର ଏହି ସାମଗ୍ରୀର ଚାହିଦା ରହିଥିଲା । ହେଲେ ଏବେ ସେଥିରେ ବ୍ୟତିକ୍ରମ ଦେଖାଦେଇଛି। ଆବଶ୍ୟକ କଞ୍ଚାମାଲର ଅଭାବ ଓ ଉତ୍ପାଦିତ ସାମଗ୍ରୀର ବଜାର ଚାହିଦା ହ୍ରାସ ପାଉଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । କାରିଗରମାନେ ଏବେ ହାତବାନ୍ଧି ବସିଛନ୍ତି । ଯୁବପିଢ଼ିଙ୍କ ସେଥିପ୍ରତି ଆଗ୍ରହ ନାହିଁ । ଉପରୋକ୍ତ କାରଣରୁ ବାସନ କାରିଗର ପରିବାର ସେମାନଙ୍କ ଜୀବିକା ହରାଇବା ଆଶଙ୍କା ପ୍ରକାଶ ପାଇଛି । ଅନ୍ୟପକ୍ଷେ ରାଜ୍ୟର ଏକ ପୁରାତନ କୁଟୀର ଶିଳ୍ପ ସମ୍ପୂର୍ଣ୍ଣ ଭାବେ ବୁଢ଼ି ଯିବାକୁ ବସିଛି ବୋଲି ମତ ପ୍ରକାଶ ପାଇଛି । ବିଭିନ୍ନ କାରଣରୁ ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛନ୍ତି କଂସାରୀ ସମାଜ । ନିଜ ଭିଟାମାଟି ଛାଡି କଂସାରୀ କାରିଗରମାନେ ନୟାଗଡ଼ ଜିଲାର କଣ୍ଟିଲୋ, ଖଳିସାହି, ଶରଣକୂଳ, ଇଟାମାଟି, ରାଜସୁନାଖଳା, ପୁରୀ ଜିଲାର ବାଲକାଟି, ଭଇଁରୁଆ, କଟକ ଜିଲାର ଭଟିମୁଣ୍ଡା, ବିଦ୍ଧାଣିମା, ଢେଙ୍କାନାଳ ଜିଲାର ଭୁବନ, ଇନ୍ଦୁପୁର, ଓଉଖମା ଆଦି ଅଞ୍ଚଳକୁ କର୍ମସଂସ୍ଥାନ ପାଇଁ ଚାଲି ଯାଇଛନ୍ତି। ହେଲେ ସେମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର କୌଣସି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି । ମାତ୍ର ସରକାରୀ ତଥା ଶିଳ୍ପ ବିଭାଗର ରେକର୍ଡ ଅନୁଯାୟୀ ବିଭିନ୍ନ ସମୟରେ ବାସନ ଶିଳ୍ପ ଓ କଂସା ପିତ୍ତଳ କାରିଗରମାନଙ୍କ ବିକାଶ ଲକ୍ଷ୍ୟରେ ବିପୁଳ ଅନୁଦାନ ମଞ୍ଜୁର କରାଯାଇଛି । ହେଲେ ଆଜିର ଯୁବପିଢି ଏହି କଷ୍ଟସାଧ୍ୟ ପାରମ୍ପରିକ ବୃତ୍ତି ପ୍ରତି ବିମୁଖ ହୋଇଛନ୍ତି। ଅଳ୍ପ ପରିଶ୍ରମ ଓ ସହଜରେ କିପରି ଅଧିକ ଉପାର୍ଜନ କରିହେବ ସେହି ଆଶା ନେଇ ସେମାନେ ଅନ୍ୟତ୍ର ଚାଲି ଯାଉଛନ୍ତି । ସୂଚନାଯୋଗ୍ୟ, ବାସନ କାରିଗରମାନେ ଦିନକୁ ୧୨ରୁ ୧୪ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରିଥାନ୍ତି । ଶାଳ ପାଖରେ ରହି ତତଲା କଂସା ଓ ପିତ୍ତଳକୁ ୪ରୁ୫ ଜଣ କାରିଗର ମିଳିତ ଭାବେ ତାଳ ମେଳ ରଖି ହାତୁଡି ପ୍ରହାର କରି ବାସନ ପ୍ରସ୍ତୁତ କରିଥାନ୍ତି। ହେଲେ ପରିଶ୍ରମ ଅନୁଯାୟୀ ମଜୁରୀ ମିଳେ ନାହିଁ । ଏହି କାରଣରୁ ଯୁବପିଢ଼ି ଏପରି କାମ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଅନ୍ୟପକ୍ଷେ ଦିନକୁ ଦିନ କଂସା,ପିତ୍ତଳ ସାମଗ୍ରୀର ଚାହିଦା କମୁଛି। ଷ୍ଟିଲ୍, ନନ୍‌ଷ୍ଟିକ୍ ଓ ପ୍ଲାଷ୍ଟିକ୍ ସାମଗ୍ରୀ କଂସା,ପିତ୍ତଳ ବାସନର ସ୍ଥାନ ନେଇଛି ।



କାରିଗରମାନେ କଂସା,ପିତ୍ତଳ ବାସନ ତିଆରି କରୁଛନ୍ତି ।

ଅନ୍ୟପକ୍ଷେ ଏହି ଶିଳ୍ପକୁ ବଞ୍ଚାଇ ରଖିବା ପାଇଁ ବିଭାଗୀୟ ଅଧିକାରୀମାନେ ଉଦ୍ୟମ ଜାରି ରଖିଛନ୍ତି । ବାସନ ଶିଳ୍ପର ନୂତନ ପଦ୍ଧତି ସମ୍ପର୍କରେ ସଚେତନ ସୃଷ୍ଟି କରିବା ଓ ତାଲିମ କେନ୍ଦ୍ରରେ ଜ୍ଞାନ କୌଶଳ ପ୍ରଦାନ ପାଇଁ ସରକାରୀସ୍ତରରେ ଯୋଜନା ପ୍ରସ୍ତୁତ ହେଉଛି। ଏଥିପାଇଁ ପ୍ରାରମ୍ଭିକସ୍ତରରେ ନାବାର୍ଡ ପକ୍ଷରୁ ଲକ୍ଷାଧିକ ଟଙ୍କା ମଞ୍ଜୁର କରାଯାଇ କଣ୍ଟିଲୋଠାରେ ୬୦ ଜଣ ଯୁବ କାରିଗରଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ହେଲେ ୧ ମାସରୁ ଉର୍ଦ୍ଧ୍ୱ ଏହି ତାଲିମ କେନ୍ଦ୍ର ଚାଲିଥିଲେ ମଧ୍ୟ ଆବଶ୍ୟକ କଞ୍ଚାମାଲ ଆସି ପାରି ନ ଥିଲା । ତାଲିମ ନେଉଥିବା ପିଲାମାନେ ପରବର୍ତ୍ତୀ କାର୍ଯ୍ୟକ୍ରମ କ'ଣ ହେବ ସେଥିପ୍ରତି ଚିନ୍ତାରେ ରହିଛନ୍ତି। ତାଲିମ ନେଇଥିବା ପିଲାମାନଙ୍କୁ ରାଜ୍ୟ ସରକାର ଏକାଠି କରି ନୂତନ ପଦ୍ଧତିରେ କଂସା ପିତ୍ତଳ ବାସନ ତିଆରି ଓ ବଜାର ସୃଷ୍ଟି କଲେ ଏହି ଶିଳ୍ପର ବିକାଶ ହୋଇ ପାରିବ ବୋଲି ନିଖିଳ ଉତ୍କଳ କଂସାରୀ ସମାଜର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା ଓ ନୟାଗଡ଼ ଜିଲା ଶିଳ୍ପୀ ମହାସଂଘର ସଭାପତି ଦଣ୍ଡପାଣି ସାହୁ କହିଛନ୍ତି।

ଏ ସମ୍ପର୍କରେ ଖଣ୍ଡପଡ଼ା ଶିଳ୍ପ ବିକାଶ ଅଧିକାରୀ ସୂର୍ଯ୍ୟକାନ୍ତ ପଣ୍ଡା କହିଛନ୍ତି, ରାଜ୍ୟ ସରକାର କାରିଗରମାନଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। କଂସାପିତଳ କାରିଗରମାନଙ୍କ ପାଇଁ କଣ୍ଟିଲୋରେ ଏକ କଞ୍ଚାମାଲ ଡ଼ିପୋ ପ୍ରତିଷ୍ଠା ହୋଇଛି। ଏହାଛଡା କଣ୍ଟିଲୋରେ ଅଚଳ ଅବସ୍ଥାରେ ଥିବା ତାଲିମ ତଥା ଉତ୍ପାଦନ କେନ୍ଦ୍ରର ଉନ୍ନତିକରଣ ପାଇଁ ନୟାଗଡ଼ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆବଶ୍ୟକ ଅର୍ଥ ମଞ୍ଜୁର କରାଯାଇ ଟେଣ୍ଡର ଡକାଯିବାର ପ୍ରସ୍ତୁତି ଆରମ୍ଭ ହୋଇଛି। ହସ୍ତଶିଳ୍ପ ବିଭାଗ ପକ୍ଷରୁ ସେଠାରେ କମନ ଫ୍ୟାସିଲିଟି ସେଣ୍ଟର ସହ ନୂତନ ଜ୍ଞାନ କୌଶଳ ପଦ୍ଧତି ସୃଷ୍ଟି କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

# ଶହୀଦଙ୍କ ବଳିଦାନ ବୃଥା ହେବ ନାହିଁ

ବ୍ରହ୍ମପୁର ଅଫିସ,୨୧।୧୦

ବ୍ରହ୍ମପୁର ଆମ୍ବପୁଆସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ଗୁରୁବାର ୬୨ ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ଡିଆଇଜି ଭୋଇ ଶହୀଦଙ୍କ ସ୍ମୃତିଚାରଣ କରି ସେମାନଙ୍କ ନାମ ପଠନ କରିଥିଲେ। କର୍ତ୍ତବ୍ୟରତ ପୋଲିସ ନିଜ ମାତୃଭୂମିର ରକ୍ଷା କରିବାକୁ ଯାଇ ସେମାନେ ଜୀବନକୁ ବଳିଦାନ ଦେଇଛନ୍ତି। ଶହୀଦଙ୍କ ଏହି ବଳିଦାନ ବୃଥା ହେବ ନାହିଁ ବୋଲି ଡିଆଇଜି ଭୋଇ କହିଛନ୍ତି। ପରେ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ଭୟଙ୍କର କରୋନା ମହାମାରୀ ସମୟରେ ଜନସାଧାରଣଙ୍କୁ ସହାୟତାର ହାତ ବଢ଼ାଇବା ସହ ସେମାନଙ୍କୁ ସୁରକ୍ଷା ପ୍ରଦାନରେ ଯୋଦ୍ଧା ଭାବେ କାମ କରିଥିବା ୪୨ ପୋଲିସ କର୍ମଚାରୀଙ୍କ ନାମ ଘୋଷଣା କରାଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ପି ପ୍ରଭାତ ରାଉତରାୟ, ବ୍ରହ୍ମପୁର ଏଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର, ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି, ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର, କ୍ରାଇମ୍ ଡିଏସ୍‌ପି ପ୍ରକାଶ ଚନ୍ଦ୍ର ଜେନା, ଟ୍ରାଫିକ ଡିଏସ୍‌ପି ବିମଳ କାନ୍ତ ଜେନା, ଆମ୍ବପୁଆ ରିଜର୍ଭ ଇନ୍ସପେକ୍ଟର ଦିଲୀପ କୁମାର ବେହେରା ଏବଂ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ।




ଶହୀଦ ସ୍ତମ୍ଭ ନିକଟରେ ପୋଲିସ ଅଧିକାରୀମାନେ ସମ୍ମାନ ପ୍ରଦର୍ଶନ କରୁଛନ୍ତି।

# ଆରମ୍ଭରୁ ଶ୍ରେଣୀ ଗୃହ ଖାଲି

ବ୍ରହ୍ମପୁର ଅଫିସ,୨୧।୧୦

■ ଯୁକ୍ତ ୨ ପାଠପଢ଼ାର ପ୍ରଥମ ଦିନ
■ ପ୍ରଥମ ଦିନରେ ପରିଚୟ ଆଦାନ ପ୍ରଦାନ

ରାଜ୍ୟରେ ବୁଧବାରଠାରୁ ଯୁକ୍ତ ୨ ପ୍ରଥମ ବର୍ଷ ଶ୍ରେଣୀଗୃହ ଶିକ୍ଷାଦାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସହରରେ ଥିବା ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟ, ଶିଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ, ମହାମାୟୀ ମହିଳା ମହାବିଦ୍ୟାଳୟରେ ପ୍ରଥମ ପରିଚୟ ଆଦାନ ପ୍ରଦାନ ହୋଇଥିଲା। ଶ୍ରେଣୀ ଶିକ୍ଷାଦାନର ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟରେ ଶୃଙ୍ଖଳିତ ଆଚରଣକୁ ଗୁରୁତ୍ୱ ଦିଆଯାଇଥିଲା। ଶ୍ରେଣୀରେ ଶତ ପ୍ରତିଶତ ଉପସ୍ଥାନ ନିମନ୍ତେ ପରାମର୍ଶ ଦିଆଯାଇଥିଲା। ମହାବିଦ୍ୟାଳୟ ପରିବେଶ ସହ ପରିଚିତ କରାଯାଇଥିଲା।

ଛାତ୍ରୀଛାତ୍ରଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ପାଠ୍ୟକ୍ରମ ଉପରେ ପ୍ରସ୍ତୁତ ପାଠ୍ୟ ଖସଡ଼ା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିବା ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (କନିଷ୍ଠ) ଅଧ୍ୟକ୍ଷ ଡ.ରାଧାକାନ୍ତ ନାୟକ କହିଛନ୍ତି।

ତେବେ ଦୀର୍ଘଦିନ ପରେ ଶ୍ରେଣୀ ପାଠ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ କଳା ଓ ବିଜ୍ଞାନରେ ମାତ୍ର ୪୦ ଓ ବାଣିଜ୍ୟରେ ୬୦ ପ୍ରତିଶତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ମଧ୍ୟ ପ୍ରଥମ ଦିନରେ ମାତ୍ର ୨୦ ରୁ ୩୦ ପ୍ରତିଶତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶୁକ୍ରବାର ଛାତ୍ରୀଛାତ୍ରଙ୍କୁ ଦିଆଯାଇଥିବା ରୁଟିନ ଅନୁସାରେ ଶ୍ରେଣୀ ଗୃହ ପାଠ୍ୟକ୍ରମ ଆରମ୍ଭ ବୋଲି ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ପ୍ରମିଳା ଖାଡ଼ଙ୍ଗା କହିଛନ୍ତି।

# ସୁରକ୍ଷା, ଅଭିଯୁକ୍ତଙ୍କୁ ଗିରଫ ନେଇ ଏସ୍‌ପିଙ୍କ ଦ୍ୱାରସ୍ଥ

ଛତ୍ରପୁର,୨୧।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ସହର ବାଙ୍କି ବେହେରା ସାହିର ଶଙ୍କର ନାୟକଙ୍କ ଘରେ ପଶି ୧୬ ତାରିଖରେ ତାଙ୍କୁ ଓ ତାଙ୍କ ପରିବାର ଉପରେ ଖଣ୍ଡାରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା । ଏହି ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ପରିବାରଙ୍କୁ ସୁରକ୍ଷା ଦେବା ନେଇ ଉକ୍ତ ପରିବାରର ସମସ୍ତ ସଦସ୍ୟ ଗୁରୁବାର ଗଞ୍ଜାମ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଉକ୍ତ ପରିବାରର ସମସ୍ତ ସଦସ୍ୟ ଛତ୍ରପୁର ଆସି ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ସେଠୀଙ୍କୁ ଭେଟି ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ନିଜେ ଯାଇ ତଦନ୍ତ କରିବି ଏବଂ ଯିଏ ବି ଏଥିରେ ସମ୍ପୃକ୍ତ ଥିବା ଜଣାପଡିବ ସମସ୍ତଙ୍କୁ ଗିରଫ କରାଯିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି।

### ଆକ୍ରମଣ ଘଟଣା

ପୂର୍ବ ଶତ୍ରୁତାକୁ ନେଇ ୧୬ ତାରିଖ ସନ୍ଧ୍ୟାରେ ଶଙ୍କରଙ୍କ ଘରେ କେତେକ ଦୁର୍ବୃତ୍ତ ତାଙ୍କ ସହ ବାପା ବାବୁ ନାୟକ ଓ ଭାଇ ଶିବ ନାୟକଙ୍କୁ ଖଣ୍ଡା ଦ୍ୱାରା ଆକ୍ରମଣ କରିଥିଲେ । ଏମାନଙ୍କୁ କବିସୂର୍ଯ୍ୟନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସମସ୍ତଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଆକ୍ରମଣ ବେଳେ ହସ୍ତକ୍ଷେପ କରିବାରୁ ଗର୍ଭବତୀ ଓ ଛୋଟ ପିଲାଙ୍କୁ ମଧ୍ୟ ମାଡ ମରାଯାଇଥିବା ଅଭିଯୋଗ ହୋଇଛି।

ଏନେଇ ଆହତ ଶଙ୍କରଙ୍କ ପକ୍ଷରୁ କବିସୂର୍ଯ୍ୟନଗର ଥାନାରେ ଏତଲା ଦିଆଯାଇଥିଲା । ଏଥିରେ ୬ ଜଣଙ୍କ ନାଁ ଉଲ୍ଲେଖ ରହିଥିଲେ ହେଁ ମାତ୍ର ୨ ଜଣଙ୍କ ଉପରେ ସାମାନ୍ୟ ଦଫା ଲଗାଇ ପୋଲିସ ଗିରଫ କରିଥିଲା ବୋଲି ଅଭିଯୋଗ ହୋଇଛି । ଏପରିକି ସିସି କ୍ୟାମେରା ଫୁଟେଜ୍‌କୁ ମଧ୍ୟ ପୋଲିସ ନେଇ ନ ଥିଲା ବୋଲି ଅତିରିକ୍ତ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

# ବୃନ୍ଦାବନ ନାୟକଙ୍କ ଶ୍ରାଦ୍ଧବାର୍ଷିକୀ

ବ୍ରହ୍ମପୁର ଅଫିସ,୨୧।୧୦

ଗଞ୍ଜାମ ଜିଲାର ଜନପ୍ରିୟ ରାଜନେତା ଓ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବୃନ୍ଦାବନ ନାୟକଙ୍କ ୩୭ତମ ଶ୍ରାଦ୍ଧ ବାର୍ଷିକୀ ଗୁରୁବାର ବ୍ରହ୍ମପୁରରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି। ବୃନ୍ଦାବନ ସ୍ମୃତି କମିଟି ଓ ଏସ୍‌ଏମ୍‌ଆଇଟିର ମିଳିତ ଆନୁକୂଲ୍ୟରେ ହୋଇଥିବା ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଡ.ଭଗବାନ ଗନ୍ତାୟତ ଅଧ୍ୟକ୍ଷତା କରିଥିଲେ। ଜିଲା ବିଜେଡି ସଭାପତି ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ ବିଜେଡି ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ଅବସରପ୍ରାପ୍ତ ମେଡିକାଲ ପ୍ରଫେସର ଡା.ପି.କେ. ସାହୁ, ମହିଳା ବିଜେଡି ଜିଲା ସଭାନେତ୍ରୀ ସଂଘମିତ୍ରା ଦଳାଇଙ୍କ ସମେତ ରାଜେଶ୍ୱରୀ ଦୋରା ପ୍ରମୁଖ ସ୍ମୃତିଚାରଣ ସହ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ନାୟକ ସ୍ୱାଧୀନତା ପରବର୍ତ୍ତୀ ହୋଇଥିବା ନିର୍ବାଚନରେ ହିଞ୍ଜିଳିକାଟୁ ବିଧାନସଭା ଆସନରୁ ଲଗାତର ୮ ଥର ବିଧାୟକ ହୋଇଥିଲେ। ରାଜ୍ୟରେ ୪ ଥର ମନ୍ତ୍ରୀ ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ରହ୍ମପୁର ପୌରପାଳିକାର ୪ଥର ନଗରପାଳ ହୋଇଥିଲେ। ରାଜ୍ୟ ଓସ୍‌କାର୍ଡ ବ୍ୟାଙ୍କ ଓ ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ ସଭାପତି ଭାବେ ନିର୍ବାଚିତ ହୋଇ ସମବାୟ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିଲେ।

# ଏସପିଙ୍କ ଅଫିସ ଆଗରେ ମହିଳା କଂଗ୍ରେସର ବିକ୍ଷୋଭ

ବ୍ରହ୍ମପୁର ଅଫିସ,୨୧।୧୦

■ ମମିତା ମେହେର ହତ୍ୟାର ସିବିଆଇ ତଦନ୍ତ ଦାବି
■ ଗଞ୍ଜାମ ଜିଲା ବ୍ୟାପୀ ଆନ୍ଦୋଳନ ଚେତାବନୀ

କଳାହାଣ୍ଡି ଜିଲା ମହାଲିଙ୍ଗ ସନ୍‌ସାଇନ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ମମିତା ମେହେରଙ୍କ ବିଭତ୍ସ ହତ୍ୟାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଗୋବିନ୍ଦ ସାହୁଙ୍କ ସହ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ନିବିଡ଼ ସମ୍ପର୍କ ଥିବାରୁ ଏହି ଜଘନ୍ୟ କାଣ୍ଡରେ ତାଙ୍କ ସମ୍ପୃକ୍ତି ଥିବା ସନ୍ଦେହ ଘେରକୁ ଆସିଛି। ତେଣୁ ଘଟଣାର ନିରପେକ୍ଷ ତଦନ୍ତ ସିବିଆଇ ଦ୍ୱାରା କରାଯିବା ଓ ମନ୍ତ୍ରୀ ପଦରୁ ମିଶ୍ରଙ୍କୁ ତୁରନ୍ତ ବହିଷ୍କାର କରିବା ଦାବି ନେଇ ଗଞ୍ଜାମ ଜିଲା ମହିଳା କଂଗ୍ରେସ ପକ୍ଷରୁ ଗୁରୁବାର ବ୍ରହ୍ମପୁର ଏସ୍‌ପିଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଂଗ୍ରେସ ଓ ମହିଳା କଂଗ୍ରେସ କର୍ମୀମାନେ ବାପୁଜୀ ଆଶ୍ରମରୁ ଶୋଭାଯାତ୍ରାରେ ବାହାରିଥିଲେ। ରାସ୍ତା ପରିକ୍ରମା ବେଳେ ମନ୍ତ୍ରୀଙ୍କୁ ଗିରଫ ପାଇଁ ମଧ୍ୟ ନାରାବାଜି ଦେଇଥିଲେ।




ଏସପିଙ୍କ ଅଫିସ ଆଗରେ ଗଞ୍ଜାମ ଜିଲା ମହିଳା କଂଗ୍ରେସର ବିକ୍ଷୋଭ।

ଜିଲା କଂଗ୍ରେସ ସାଧାରଣ ସମ୍ପାଦିକା ବନଜା ପଣ୍ଡା ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏସ୍‌ପିଙ୍କ ଦପ୍ତର ପାଖରେ ପହଞ୍ଚିବା ପରେ ବିକ୍ଷୋଭ ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ଶାସନରେ ରାଜ୍ୟରେ ନାରୀ ନିର୍ଯାତନା ଓ ହିଂସା ବଢ଼ି ଚାଲିଥିବା ଅଭିଯୋଗ କରାଯାଇଥିଲା। ମହିଳାମାନେ ନିଜକୁ ସୁରକ୍ଷିତ ମଣୁନଥିବା ସମାଲୋଚନା ହୋଇଥିଲା। ମମିତା ହତ୍ୟାର ଅସଲ ଘଟଣା ଘୋଡ଼ାଇବାକୁ ଶାସକ ଦଳ ପ୍ରୟାସ ଚଳାଇଥିବା କଟାକ୍ଷ କରାଯାଇଥିଲା। ମନ୍ତ୍ରୀଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ କରାନଗଲେ ମହିଳା କଂଗ୍ରେସ ଜିଲା ବ୍ୟାପି ଆନ୍ଦୋଳନକୁ ଜୋରଦାର କରିବାର ଚେତାବନୀ ଦିଆଯାଇଛି। ଏହି ମର୍ମରେ ସ୍ମାରକପତ୍ର ଏସପିଙ୍କୁ ଦିଆଯାଇଥିଲା।

ଗଞ୍ଜାମ ଜିଲା କଂଗ୍ରେସ ସଭାପତି ବିଧାୟକ ରମେଶ ଜେନାଙ୍କ ନିର୍ଦ୍ଦେଶରେ ହୋଇଥିବା ଆନ୍ଦୋଳନରେ ଉପସଭାପତି ମହେଶ୍ୱର ପାତ୍ର, ଯୁବ କଂଗ୍ରେସ ସଭାପତି ଚିନ୍ମୟ କୁମାର ହୋତା, ଛାତ୍ର କଂଗ୍ରେସ ନେତା ଦେବାଶିଷ ମହାନ୍ତି ଓ ଅନ୍ୟମାନେ ସାମିଲ ହୋଇଥିଲେ। ସମ୍ପାଦିକା ଗୀତା ଦାସ, ଗୀତାଞ୍ଜଳି ସାହୁଙ୍କ ସମେତ କଂଗ୍ରେସର ବହୁ ସଂଖ୍ୟକ ମହିଳା କର୍ମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସିଟି ହାଇସ୍କୁଲରେ ଅଭିଭାବକ, ଶିକ୍ଷକ ସମ୍ମିଳନୀ

ବ୍ରହ୍ମପୁର ଅଫିସ,୨୧।୧୦: ବ୍ରହ୍ମପୁର ସିଟି ହାଇସ୍କୁଲରେ ଗୁରୁବାର ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର ଅଭିଭାବକ ଓ ଶିକ୍ଷକଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ପନ୍ନଗ ଭୂଷଣ ମାଝି ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୨୫ ତାରିଖଠାରୁ ଅନୁଷ୍ଠିତ ହେବାକୁ ଥିବା ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଥିବା ନିୟମାବଳୀ ସମ୍ପର୍କରେ ଅଭିଭାବକମାନଙ୍କୁ ସଚେତନ କରାଯାଇଥିଲା। ଛାତ୍ରମାନେ ଯେଭଳି କୋଭିଡ୍ ନିୟମ ପାଳନ ପୂର୍ବକ ବହୁ ସଂଖ୍ୟାରେ ବିଦ୍ୟାଳୟରେ ଉପସ୍ଥିତ ରହିବେ ସେ ନେଇ ପରାମର୍ଶ ଦିଆଯାଇଥିଲା। ଏ ନେଇ ଅଭିଭାବକଙ୍କ ସୁଚିନ୍ତିତ ମତାମତ ସଂଗ୍ରହ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ଗୋପାଳ କୃଷ୍ଣ ମିଶ୍ର ସମ୍ମିଳନୀ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅଶୋକ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପୋଲସରା ଶାଖା ସମ୍ମିଳନୀ

ପୋଲସରା,୨୧।୧୦(ଡି.ଏନ.ଏ.): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପୋଲସରା ଶାଖା ସମ୍ମିଳନୀ ଗୁରୁବାର ପାଟିଗଡ଼ ରୋଡ ସ୍ଥିତ ଯୋଗାସନ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀ ପ୍ରାରମ୍ଭରେ ପାର୍ଟିର ବରିଷ୍ଠ ଗୌରହରି ବିଷୋୟି ପାର୍ଟି ପତାକା ଉତ୍ତୋଳନ କରିଥିବା ବେଳେ ଶିବରାମ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ ଆରମ୍ଭ ହୋଇଥିଲା। ପାର୍ଟିର ଗଞ୍ଜାମ ଜିଲା ସମ୍ପାଦକ ପ୍ରକାଶ ପାତ୍ର ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ପାର୍ଟିର ପୋଲସରା ଆଞ୍ଚଳିକ ସମ୍ପାଦକ ଦଣ୍ଡପାଣି ସାମଲ ଏବଂ ଅଖିଳ ଭାରତ ଯୁବକ ସଂଘର ରାଜ୍ୟ ସଭାପତି ପ୍ରଦୀପ କୁମାର ସେଠୀ ପ୍ରମୁଖ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ପୋଲସରା ଅଞ୍ଚଳରେ ପାର୍ଟି ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ହରି ହର ପାତ୍ର ଶୋକ ପ୍ରସ୍ତାବ ଆଗତ କରିଥିବା ବେଳେ ବିଜୟ ସାମନ୍ତରା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ପାଇଁ ବିଜୟ ସାମନ୍ତରା ଶାଖା ସମ୍ପାଦକ ଓ ନରେନ୍ଦ୍ର ପ୍ରଧାନ ସହ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ।

### ୨୪ ଜୁଆଡ଼ି ଗିରଫ

ବୁଗୁଡ଼ା,୨୧।୧୦(ଡି.ଏନ.ଏ.)-ବୁଗୁଡ଼ା ପୋଲିସ ଦୁଇଟି ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କା ଜବତ କରିଥିବା ବେଳେ ୨୪ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ବୁଗୁଡ଼ା ଥାନା ନିମପଦର କାଳୀ ମନ୍ଦିର ପରିସରରେ ଚାଲିଥିବା ଜୁଆ ଆଡ୍ଡାରୁ ୧୩ ଜଣ ଧରାପଡ଼ିଥିବା ବେଳେ ସେମାନଙ୍କଠାରୁ ୧ ଲକ୍ଷ ୩ ଶହ ଟଙ୍କା ଜବତ ହୋଇଛି। ଏ ନେଇ ନଂ. ୫୫୦/୨୧ରେ ଏକ ମାମଲା ରୁଜୁ ହୋଇଛି। ସେହିପରି ଗୋଳାବନ୍ଧ ହାଇସ୍କୁଲ ନିକଟ ପୋଖରୀ ହୁଡ଼ାରେ ଚାଲିଥିବା ଜୁଆଆଡ୍ଡାରୁ ପୋଲିସ ୧୫ ହଜାର ୨୩୦ ଟଙ୍କା ଜବତ କରିଛି। ନଂ. ୫୫୨ /୨୧ ଅନୁଯାୟୀ ୧୧ ଜଣଙ୍କୁ ଗିରଫ କରାଯାଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା ସୂଚନା ଦେଇଛନ୍ତି।

### କାଶୀନଗରରେ ହରଗୌରୀ ପୂଜା

କାଶୀନଗର,୨୧।୧୦(ଡି.ଏନ.ଏ.): ପବିତ୍ର କୁମାର ପୂର୍ଣ୍ଣମୀଠାରୁ ତେଲୁଗୁ ସମ୍ପ୍ରଦାୟର ମହିଳାମାନଙ୍କ ଦ୍ୱାରା ହରଗୌରୀ ପୂଜା ଆରମ୍ଭ ହୋଇଯାଇଛି। ଏହି ପୂଜାକୁ ନନ୍ଦିଆମ୍ମା ପୂଜା କୁହାଯାଏ। ଶିବଙ୍କ ବାହନ ନନ୍ଦି (ବୃଷଭ) ପୂଜା ପାଇଥାନ୍ତି। ପ୍ରଥମ ଦିନରେ ହରଗୌରୀଙ୍କ ସହ ନନ୍ଦିଙ୍କ ମୂର୍ତ୍ତି ଗ୍ରାମ ପରିକ୍ରମା କରାଯାଏ। ମହିଳାମାନେ ହରଗୌରୀଙ୍କୁ ବନ୍ଦାପନା କରି ବିଭିନ୍ନ ଶସ୍ୟ ରଖି ପୂଜା କରିଥାନ୍ତି। ଉକ୍ତ ପୂଜା ୭ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ବିସର୍ଜନ କରାଯାଏ। କେତେକ ଗ୍ରାମରେ ପୂଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ।

### ପଣ୍ଡିତ ତ୍ରିନାଥ ମିଶ୍ରଙ୍କ ଜୟନ୍ତୀ ପାଳିତ

ବ୍ରହ୍ମପୁର ଅଫିସ୍,୨୧।୧୦: ସଂସ୍କାରବାଦୀ ସଂଗଠନ ପକ୍ଷରୁ ଗୁରୁବାର ଜ୍ୟୋତିର୍ବିଦ୍ ପଣ୍ଡିତ ତ୍ରିନାଥ ମିଶ୍ରଙ୍କ ୭୬ ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘ ସଭାପତି ତ୍ରିନାଥ ମହାରଣା ଅଧ୍ୟକ୍ଷତା କରିଥିଲେ। ଉପ ସଭାପତି ପ୍ରଭାତ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ଓ ସମ୍ପାଦକ ଲଳିତ ମୋହନ ସାହୁ ପଣ୍ଡିତ ମିଶ୍ରଙ୍କ ସଂକ୍ଷିପ୍ତ ଜୀବନୀ ପାଠ କରିଥିଲେ। ଏହି ଅବସରରେ ସ୍ୱର୍ଗତ ମିଶ୍ରଙ୍କ ସଂକ୍ଷିପ୍ତ ଜୀବନୀ ଆଧାରିତ ପୁସ୍ତିକାକୁ ଉନ୍ମୋଚନ କରାଯାଇଥିଲା। ସ୍ୱର୍ଗତ ମିଶ୍ର ଗୋଳନ୍ଥରା ଗ୍ରାମର ହୋଇଥିବାରୁ ସେହି ଗ୍ରାମର ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ହାତବନ୍ଧା ଅବସ୍ଥାରେ ମହିଳାଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ଦିଗପହଣ୍ଡି,୨୧।୧୦(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଖମାରି ଗାଁ ନିକଟ ରାଜ ଘାଇ କେନାଲ ପାଖ ଚାଷ ଜମିରୁ ଦୁଇ ହାତ ବନ୍ଧା ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଗୁରୁବାର ସନ୍ଧ୍ୟାରେ ପୋଲିସ ଜବତ କରିଛି। ମହିଳା ଜଣକ ଗଜପତି ଜିଲା ଆର.ଉଦୟଗିରି ବ୍ଲକ କୁର୍ବା ଗାଁର ଦୁଃଖୀ ଦଳାଇ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସକାଳେ କିଛି ବ୍ୟକ୍ତି ଗାଁ ନିକଟସ୍ଥ ଉଜ୍ଜଳେଶ୍ୱର ଶୈବପୀଠକୁ ଯାଉଥିବା ବେଳେ କେନାଲ ପାର୍ଶ୍ୱ ଚାଷ ଜମିରେ ମୃତଦେହ ପଡିଥିବା ଦେଖିଥିଲେ। ଖବର ପ୍ରଚାରିତ ହେବା ପରେ ଖମାରି ଗାଁ ସମେତ ଆଖପାଖ ଗ୍ରାମର ବହୁସଂଖ୍ୟକ ବ୍ୟକ୍ତି ସେଠାରେ ରୁଣ୍ଡ ହୋଇଥିଲେ। ଏନେଇ କେ.ନୂଆଗାଁ ଥାନାରେ ଖବର ହେବା ପରେ ଚିକିଟି ଏସଡିପିଓ କୃଷ୍ଣଚନ୍ଦ୍ର ଭତ୍ରା, କେ.ନୂଆଗାଁ ଥାନା ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ ସଦଳବଳେ ସେଠାରେ ପହଞ୍ଚି ସବିଶେଷ ଅନୁସନ୍ଧାନ କରିବା ସହ କେ. ନୂଆଗାଁ ଥାନା ମାମଲା ନଂ.୨୭୫/୨୧ ଅନୁଯାୟୀ ମୃତଦେହ ଜବତ କରିଛନ୍ତି। ଶୁକ୍ରବାର ସକାଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ସବିଶେଷ ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଯିବ ବୋଲି ଏସ୍‌ଡିପିଓ କହିଛନ୍ତି। ଘଟଣାର ସମ୍ପୂର୍ଣ୍ଣ ଅନୁସନ୍ଧାନ ସହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଏସ୍‌ଡିପିଓ କହିଛନ୍ତି।

### ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ବୈଠକ

ବ୍ରହ୍ମପୁର ଅଫିସ,୨୧।୧୦

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ବିଦ୍ୟୁତପୁରୀ କଲୋନୀଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ବାର୍ଷିକ ଅଧିବେଶନ ନିମନ୍ତେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ଉପସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସଂଘ ସିଟି ସର୍କଲ ଶାଖା ପକ୍ଷରୁ ଡିସେମ୍ବର ୨୬ରୁ ୨୮ ତାରିଖ ଯାଏ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଅଧିବେଶନରେ ସାରା ରାଜ୍ୟରୁ ଟିପିସିଓଡିଏଲ୍, ଟିପିଡବ୍ଲୁଓଡିଏଲ୍, ଟିପିଏନ୍‌ଓଡିଏଲ୍, ଟିପିଏସ୍‌ଓଡିଏଲ୍ ଓ ଓପିଟିସିଏଲ୍ ଆଦି ବିଦ୍ୟୁତ୍ ସଂସ୍ଥାରୁ ୪୦ରୁ ଉର୍ଦ୍ଧ୍ୱ ଡିଭିଜନରୁ ଶତାଧିକ ଡେଲିଗେଟ୍ ଯୋଗ ଦେବେ। ଏହି ବାର୍ଷିକ ଅଧିବେଶନ କିଭଳି ସୁଚାରୁରୂପେ ସଂଗଠିତ ହୋଇପାରିବ ସେ ନେଇ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଟାଟା ପାୱାରକୁ ବିଦ୍ୟୁତ୍ ହସ୍ତାନ୍ତର ହେବା ପରେ ବିଜୁ ଶ୍ରମିକ ସମସ୍ୟା ମୁଣ୍ଡ ଟେକିଛି। ଆଗାମୀ ଅଧିବେଶନରେ ସରକାରଙ୍କ ନିକଟରେ ଦାବିପତ୍ର ଓ ଶ୍ରମିକ ସମସ୍ୟା ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ କ୍ଷୀରୋଦ ସେଠୀ, ମଣ୍ଡଳ ସମ୍ପାଦକ ବ୍ୟୋମକେଶ ସ୍ୱାଇଁ , ଡିଭିଜନ ସମ୍ପାଦକ ଗଙ୍ଗାଧର ପାଣିଗ୍ରାହୀ ଏବଂ ରଞ୍ଜନ କୁମାର ରାଉତଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ସ୍ତ୍ରୀଙ୍କୁ ଅତ୍ୟାଚାର, ସ୍ୱାମୀ ଗିରଫ

ଦିଗପହଣ୍ଡି,୨୧।୧୦(ଡି.ଏନ.ଏ.)

ସ୍ତ୍ରୀଙ୍କୁ ଅତ୍ୟାଚାର କରିବା ଅଭିଯୋଗରେ ଦିଗପହଣ୍ଡି ବ୍ଲକ କେ.ନୂଆଗାଁ ଥାନା ଗଡଗୋବିନ୍ଦପୁର ଗ୍ରାମର ଚେରୁ ଗୌଡଙ୍କୁ ପୋଲିସ ଗୁରୁବାର କୋର୍ଟ ଚାଲାଣ କରିଛି। ନଂ. ୩୪୧/୨୧ରେ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ଉପକାରାଗାରକୁ ପଠାଯାଇଛି। ଅଭିଯୁକ୍ତ ସ୍ୱାମୀ ପ୍ରତିଦିନ ମଦ୍ୟପାନ କରି ସ୍ତ୍ରୀ ପିଲାଙ୍କୁ ମାରପିଟ କରୁବା ନେଇ ସ୍ତ୍ରୀ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

### ଆମ୍ବୁଲାନ୍ସ ଓଲଟି ୨ ଆହତ

ପାରଳାଖେମୁଣ୍ଡି,୨୧।୧୦(ଡି.ଏନ୍.ଏ.)

ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ମାଣ୍ଡିମେରା ବୁଲାଣି ରାସ୍ତାରେ ଏକ ଆମ୍ବୁଲାନ୍ସ ଓଲଟି ପଡ଼ିବାରୁ ୨ଜଣ ଆହତ ହୋଇଛନ୍ତି। ରାୟଗଡ଼ ଜିଲା ଜେକେପୁରର ଚାଳକ ବସନ୍ତ ତାଣ୍ଡି ଆମ୍ବୁଲାନ୍ସ ଚଳାଇ ଭୁବନେଶ୍ୱର ଯାଇ ପୁଣି ରାୟଗଡ ଜିଲାକୁ ଫେରୁଥିଲେ। ମାଣ୍ଡିମେରା ଗ୍ରାମ ନିକଟସ୍ଥ ଏକ ବୁଲାଣିଆ ରାସ୍ତାରେ କୌଣସି କାରଣରୁ ଗାଡ଼ିର ଚକାଫାଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡିଥିଲା।